ବିକାଶର ପ୍ରଥମ ପଥ ଧିମା ହୋଇଥିବାବେଳେ ଦ୍ୱିତୀୟ ପଥର ଗତି ଅଧିକ ଦ୍ରୁତ ହୋଇଛି । ବାଜପେୟୀଙ୍କ ସମୟରେ ଏବକାର ସଂଖ୍ୟାଲଘୁ ବିରୋଧୀ ରାଜନୀତିର ସ୍ୱର ଏତେ ଦୃଢ଼ ନ ଥିଲା । ଏହାର କାରଣ କିଛି ଲୋକ ଅନୁଭବ କରୁଥିଲେ ଯେ, ବାଜପେୟୀ ଉଦାର ଥିଲେ ଏବଂ ଏହା ସତ୍ୟ । ସେ ସରକାରରେ ଥିବା ସହଯୋଗୀଙ୍କ ଉପରେ ନିର୍ଭରଶୀଳ ଥିଲେ, ତେଣୁ ଦ୍ୱନ୍ଦ୍ୱରେ ରହିବାକୁ ବାଧ ହୋଇଥିଲେ । ୨୦୦୨ର ଘଟଣାବଳୀ ଏହାକୁ ପରିବର୍ତ୍ତନ କରିଦେଲା । ଭାଜପା ତାହାର ନୂତନ ନେତା ପାଇଲା । ୧୯୯୧ର ଅର୍ଥନୈତିକ ସଂସ୍କାରରୁ ସର୍ବାଧିକ ଲାଭ ପାଇଥିବା ଏକ ରାଜ୍ୟରୁ ଆସି ସେ ଦାବି କଲେ ଯେ, ଏହାର ତୁଳନାତ୍ମକ ପ୍ରଗତି ତାଙ୍କ ଯୋଗୁ ଘଟିଥିଲା । ଏବଂ ୨୦୦୨ର ନରସଂହାର ପରେ ତାଙ୍କୁ ହଟାଇବାରେ ବାଜପେୟୀଙ୍କ ଅକ୍ଷମତା ତାଙ୍କୁ ଭବିଷ୍ୟତର ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବରେ ପ୍ରତିଷ୍ଠା କରିଥିଲା, ଯେଉଁଥିପାଇଁ ସେ ତାଙ୍କ ଲକ୍ଷ୍ୟ ପୂରଣ କରିପାରିଥିଲେ । ୧୯୯୦ରେ ଭାରତ ବାଛିଥିବା ଉଭୟ ପଥରେ ସେ ପ୍ରଗତି ପାଇଁ ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କେବଳ ଗୋଟିଏ ରାସ୍ତାରେ ଆଗେଇ ଗଲେ । ଏବେ ଚାଇନା ସହ ଭାରତ ତୁଳନୀୟ ନୁହେଁ ଏବଂ ସରକାର ବିଶ୍ୱର ଅନ୍ୟ ଦେଶମାନଙ୍କ ସହିତ ନିଜକୁ ତୁଳନା କରୁ ନାହାନ୍ତି । ଏହା ବଦଳରେ ଆମେ ଆଭ୍ୟନ୍ତରୀଣ ନିର୍ଯାତନା, ପାକିସ୍ତାନୀ ସେନା ଏବଂ ବାଂଲାଦେଶୀ ଶରଣାର୍ଥୀଙ୍କ ସହିତ ଲଢ଼ି ନିଜକୁ ସାନ୍ତ୍ୱନା ଦେଉଛୁ । ୧୯୯୦ ପରେ ଭାଜପାର ନିର୍ବାଚନୀ ସଫଳତାରୁ ବୁଝାପଡୁଛି ଯେ, ଏହି ରାସ୍ତା ଛାଡ଼ିବା ତା' ପାଇଁ କଷ୍ଟକର ହେବ, କାରଣ ଏହି ନୀତିଗୁଡ଼ିକୁ ଗ୍ରହଣ କରିଛି । ଯୁବ ପାଠକଙ୍କ ପାଇଁ ୧୯୯୦ ବହୁତ ପୁରୁଣା ମନେହେବ, କିନ୍ତୁ ଆମ ମଧ୍ୟରୁ ଅନେକଙ୍କ ପାଇଁ ଏହା ଏବକାର ସ୍ମୃତି । ଆମେ ସେହି ଦଶନ୍ଧିଗୁଡ଼ିକୁ ଦେଖିଲେ ଜାଣିପାରିବା ଯେ, ସେତେବେଳେ ଏସବୁ କାହିଁକି ଘଟିଥିଲା ଏବଂ ପରବର୍ତ୍ତୀ ଦଶନ୍ଧିଗୁଡ଼ିକ ସମାନ ଘଟଣା ଘଟିବ । ଏକ ସମୃଦ୍ଧ ଏବଂ ସମାନତାର ସମାଜ ଗଢ଼ିବା ପଥରେ ଦ୍ୱିଧା ଏବଂ ଧିମା ଯାତ୍ରା ଦେଖିବାକୁ ମିଳିବ । ଅନ୍ୟ ପଟେ ଆତ୍ମବିଶ୍ୱାସର ସହିତ ଦ୍ରୁତଗତିରେ ହିନ୍ଦୁତ୍ୱ ବିଚାରଧାରା ପଥରେ ଆଗେଇ ଚାଲିବ ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | 7 | | | |
| | 6 | | 9 | | | 7 | 3 | |
| | | | | | 5 | | | 4 |
| | | | 5 | | | | 8 | |
| | | 2 | | 4 | 1 | | | 3 |
| | | 8 | | | | | 7 | |
| | 5 | | 3 | | | | | 8 |
| | 4 | | | 6 | | | | |
| | 3 | 9 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 4 | 8 | 6 | 1 | 9 | 2 |
| 9 | 4 | 8 | 3 | 1 | 2 | 5 | 6 | 7 |
| 1 | 6 | 2 | 9 | 7 | 5 | 4 | 8 | 3 |
| 5 | 3 | 1 | 6 | 4 | 9 | 2 | 7 | 8 |
| 4 | 7 | 9 | 8 | 2 | 3 | 6 | 5 | 1 |
| 8 | 2 | 6 | 7 | 5 | 1 | 3 | 4 | 9 |
| 6 | 8 | 5 | 2 | 3 | 7 | 9 | 1 | 4 |
| 2 | 1 | 4 | 5 | 9 | 8 | 7 | 3 | 6 |
| 3 | 9 | 7 | 1 | 6 | 4 | 8 | 2 | 5 |

ଗତକାଲିର ଉତ୍ତର

# ବଡ଼ ମାଛ ଧର



ଡ. ସନ୍ତୋଷ କୁମାର ମହାପାତ୍ର

ଖବରକାଗଜ ଖୋଲିଲେ ବା ଟିଭି ଦେଖିଲେ ବିଭିନ୍ନ ଶ୍ରେଣୀର ଲୋକ ବିଶେଷକରି ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତି ଦୁର୍ନୀତିକରି ଆୟ ବହିର୍ଭୂତ ବହୁ କୋଟି ଟଙ୍କାର କଳା ସମ୍ପତ୍ତି ଠୁଳକରିବା ଖବର ପଢ଼ିବାକୁ ବା ଶୁଣିବାକୁ ମିଳେ । ବେଶି ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କ ନାମ ପଢ଼ିବାକୁ ମିଳେ, ଯେଉଁମାନେ ଚାକିରି ପୂର୍ବରୁ ଜନତାଙ୍କ ସେବା କରିବେ ବୋଲି କହିଥାନ୍ତି । ପ୍ରଶାସନିକ ସେବାରେ ଟପ୍ପର ହୋଇଥିବା ବ୍ୟକ୍ତି ମଧ୍ୟ ଏହି କଳାକାରନାମାରୁ ମୁକ୍ତ ନୁହନ୍ତି । ବାସ୍ତବରେ ଦୁର୍ନୀତିରେ ଲିପ୍ତ କିଛି ହାତଗଣତି ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ଧରିପକାଇଲେ ଦୁର୍ନୀତି ଦୂରହେବନାହିଁ । ଏହାର ମୂଳ କାରଣ ଖୋଜି ତାହାର ନିରାକରଣ ଆବଶ୍ୟକ ଅର୍ଥାତ୍ ଛୋଟ ମାଛ ଧରୁଛନ୍ତି, ବଡ଼ ମାଛ ଧରିବାକୁ ପ୍ରୟାସ କରିବା ଉଚିତ । ନିକଟରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଦୁର୍ନୀତିଗ୍ରସ୍ତଙ୍କୁ କେବଳ ଦଣ୍ଡ ଦେଇଦେଲେ ଦୁର୍ନୀତି ରୋକିହେବନାହିଁ ଏବଂ ଦୁର୍ନୀତିର ମୂଳ କାରଣ ଖୋଜି ପ୍ରଶାସନିକ, ଆଇନଗତ,ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂରକରିବାକୁ କଡ଼ା ପଦକ୍ଷେପ ନେବାକୁ ପଡ଼ିବ ବୋଲି ପରାମର୍ଶ ଦେଇଛନ୍ତି ।

ବାସ୍ତବରେ ଦୁର୍ନୀତି ଆଜି ଜୀବନଶୈଳୀରେ ପରିଣତ ହୋଇଛି । ଦୁର୍ନୀତିର ଏକ ବଡ଼ କାରଣ ହେଉଛି ଅବକ୍ଷୟମୁଖୀ ସମାଜ ଏବଂ ଜୀବନଚର୍ଯ୍ୟାରେ ନୈତିକତା, ମାନବିକତା ଓ ମୂଲ୍ୟବୋଧର ଦ୍ରୁତ ହ୍ରାସ ଘଟିବା ଓ ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ଘଟିବା । ସରକାର ଦେଶର ପ୍ରଗତିକୁ ଜିଡିପିରେ ଏବଂ ଲୋକ ଜୀବନର ସଫଳତାକୁ ଅର୍ଥ ଓ ସମ୍ପତ୍ତିରେ ମାପିବା ଆଜିର ଦୁର୍ନୀତିର ଏକ ବଡ଼ କାରଣ । ନବ୍ୟ ଉଦାରୀକରଣ ଅର୍ଥନୀତି ଓ ତଜ୍ଜନିତ ଉଗ୍ର ଉପଭୋକ୍ତାବାଦ ; ଜୀବନଚର୍ଯ୍ୟାରେ ତ୍ୟାଗ, ସେବା, ବଳିଦାନ ଅପେକ୍ଷା ଉପଭୋଗ, କଳେବଳେ ସମ୍ପତ୍ତି ଠୁଳ କରିବା ମାନସିକତାରୁ ଦୁର୍ନୀତି ବୃଦ୍ଧି ପାଉଛି । ଦୁର୍ନୀତିକରି ଦଣ୍ଡିତ ହେବା ଦେହସୁଆ ହୋଇଗଲାଣି । ଲାଜ, ସରମ ଟିକେ ବି ଲାଗୁନାହିଁ । ଆଜି ଦୁର୍ନୀତିର ମାନସିକତା ଅଧିକାଂଶଙ୍କୁ ଗ୍ରାସକରିବାର କାରଣ ହେଉଛି ସମାଜ ଦିନକୁ ଦିନ ଅଧିକ କଳୁଷିତ ହେଉଛି ଏବଂ ଭଲ ଲୋକକୁ ଓ ଭଲ କାର୍ଯ୍ୟର ହତାଦର କରାଯାଉଛି । ଅର୍ଥ, କ୍ଷମତା ଓ ପ୍ରତିପତ୍ତି ନ ଥିଲେ କେହି ପଚାରିବେନାହିଁ । ଉଦାହରଣ ସ୍ୱରୂପ ଯଦି ଜଣେ କଳାଟଙ୍କାରୁ କେଉଁଠି ଚାନ୍ଦା ଦେଲେ, ଲୋକ ପ୍ରଶଂସାରେ ପୋତିଦେବେ, ନ ଦେଲେ କାମ୍ପି କହି ଘୃଣାକରିବେ । ଅନେକ ସମୟରେ ଦୁର୍ନୀତିଗ୍ରସ୍ତ ହୋଇ ଦଣ୍ଡିତହେବା ପରେ ମଧ୍ୟ ଅନେକଙ୍କୁ ଗୌରବମଣ୍ଡିତ କରାଯାଉଛି । ଯଦି ଶାସକ ଦଳରେ ଯୋଗଦେଲା ବା ସମର୍ଥନ କଲା ତେବେ ସବୁ ଦୋଷ ମାପ ।

ଦୁର୍ନୀତିର ମୂଳ ଉତ୍ସ ହେଉଛି ରାଜନୀତିର ଅପରାଧୀକରଣ, ବ୍ୟୟବହୁଳ ନିର୍ବାଚନ ପ୍ରକ୍ରିୟା ଓ କ୍ରୋନି କ୍ୟାପିଟାଲିଜମ୍ ବା ଅନ୍ତରଙ୍ଗ ପୁଞ୍ଜିବାଦ । ଆଜିର ସମାଜରେ ବିତ୍ତଶାଳୀ, କ୍ଷମତାଶାଳୀଙ୍କୁ ବେଶି ସମ୍ମାନ ମିଳୁଛି । ଅଧିକ କ୍ଷମତାଶାଳୀ ହେବାର ବଡ଼ ମାଧ୍ୟମ ହେଲା ରାଜନୀତିକରି ଜନପ୍ରତିନିଧି, ନେତା, ମନ୍ତ୍ରୀ ହେବା । ଏଥିପାଇଁ ନିର୍ବାଚନରେ ଜିତିବା ଦରକାର ଓ ସେଥିପାଇଁ ପ୍ରଚୁର ଅର୍ଥ ଆବଶ୍ୟକ । ଏଣୁ ସେଇଠୁ ଆରମ୍ଭ ହୁଏ କଳାଟଙ୍କା ଠୁଳକରିବା, ଲାଞ୍ଚ ନେବା ଓ ଚାନ୍ଦା ଆଦାୟ କରିବା, ଯାହା ଉପରୁ ତଳସ୍ତର ପର୍ଯ୍ୟନ୍ତ ବ୍ୟାପିଥାଏ । ନିର୍ବାଚନରେ ବିଭିନ୍ନ ଦଳ ଓ ପ୍ରାର୍ଥୀ ପ୍ରଚୁର କଳାଟଙ୍କା ଖର୍ଚ୍ଚ କରୁଛନ୍ତି । ବିନା କଳାଟଙ୍କାରେ ଜିତିବା ଅସମ୍ଭବ । ୨୦୨୪ ସାଧାରଣ ନିର୍ବାଚନ ସମୟରେ ୫ଟି ଜାତୀୟ ଏବଂ ୨୭ଟି ଆଞ୍ଚଳିକ ରାଜନୈତିକ ଦଳ ଦ୍ୱାରା ସଂଗୃହୀତ ମୋଟ ପାଣ୍ଠି ପରିମାଣ ୭୪୪୫.୫୭୬ କୋଟି ଟଙ୍କା ଥିଲା । ସେଣ୍ଟର ଫର୍ ମିଡିଆ ଷ୍ଟଡିଜ୍ ଅନୁଯାୟୀ ୨୦୨୪ ଲୋକ ସଭା ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳର ମୋଟ ଖର୍ଚ୍ଚ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଥିଲା । ପ୍ରାର୍ଥୀମାନେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ସମୟରେ ହାରାହାରି ୨୫,୦୦୦ ଟଙ୍କା ଖର୍ଚ୍ଚ କରିଥିଲେ ଯାହା ବର୍ତ୍ତମାନ ୭୫.୯୫ ଲକ୍ଷ ଟଙ୍କା(୩୦୦ ଗୁଣ ବୃଦ୍ଧି)କୁ ବୃଦ୍ଧିପାଇଛି । ସରପଞ୍ଚ ନିର୍ବାଚନରେ ଜଣେ ପ୍ରାର୍ଥୀ ପାଖାପାଖି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଆଜି ଲୋକମାନେ ସାମୂହିକ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛନ୍ତି । ଟଙ୍କା ନ ଦେଲେ କେହି ନେତାଙ୍କ ରାଲିରେ, ସଭାକୁ ଯିବେନାହିଁ । ଭୋଟ ଦେବା ପାଇଁ ନେତା ଅର୍ଥ ଦେଲାବେଳେ ଲୋକ ମଧ୍ୟ ଅର୍ଥ ଚାହୁଁଛନ୍ତି । ସାମୂହିକ ସ୍ୱାର୍ଥ ଆଉ ଗୁରୁତ୍ୱ ପାଉନାହିଁ । ଏଣୁ ନିର୍ବାଚନ ବ୍ୟୟ ଭରଣା ପାଇଁ ଏବଂ



ନିଜ ଅନୁଗାମୀଙ୍କୁ ଆର୍ଥିକ ସାହାଯ୍ୟ ଦେବା ପାଇଁ ଅଧିକାଂଶ ନେତା ଅସତ୍ ଉପାୟରେ ପ୍ରଚୁର ଅର୍ଥ ଠୁଳ କରୁଛନ୍ତି । ପୁନଶ୍ଚ କ୍ଷମତା ଚାଲିଗଲେ କେହି ପଚାରିବେ ନାହିଁ । ଜଣେ ନିର୍ବାଚନରେ ସବୁବେଳେ ଟିକେଟ ପାଇବ ବା ଜିତିବ ବୋଲି କେହି ଗାରେଣ୍ଟି ଦେଇପାରିବେ ନାହିଁ । ଭବିଷ୍ୟତର ଅନିଶ୍ଚିତତା ଯୋଗୁ ମଧ୍ୟ ଥରେ ନେତା ଓ ମନ୍ତ୍ରୀ ହେଲେ ଅଧିକାଂଶ ସାତପୁରୁଷ ପାଇଁ ସମ୍ପତ୍ତି ଠୁଳ କରିଦେଉଛନ୍ତି । ସେମାନେ ସିଧା ଲାଞ୍ଚ ନେବେନାହିଁ । ଅନ୍ୟ ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ ତଥା ଅନ୍ୟମାନଙ୍କ ଜରିଆରେ ନେଉଛନ୍ତି । ଯିଏ ଉପରସ୍ତର ଲୋକଙ୍କୁ ଲାଞ୍ଚ ଦେବ, ସେ ଅନ୍ୟମାନଙ୍କଠାରୁ ଆଦାୟ କରିବ ଏବଂ ନିଜ ପାଇଁ ମଧ୍ୟ ରଖିବ, ଯାହା ସ୍ୱାଭାବିକ । ଫଳରେ ଦୁର୍ନୀତି ବ୍ୟାପୁଛି ।

ପୁନଶ୍ଚ ଅଧିକାଂଶ ବଡ଼ କମ୍ପାନୀ, ବ୍ୟବସାୟୀ ଓ ଉଦ୍ୟୋଗୀ ନିଜ ବ୍ୟବସାୟ ପ୍ରତିଷ୍ଠା ଓ ସମ୍ପ୍ରସାରଣ ସାଙ୍ଗକୁ ଟିକସ ରିହାତି ଆଦି ସୁବିଧା ପାଇଁ ବିଭିନ୍ନ ରାଜନୈତିକ ନେତା, ପ୍ରଶାସକ ଓ ବିଭିନ୍ନ ଦଳୀୟ ପାଣ୍ଠିକୁ ବିଶେଷକରି କ୍ଷମତାରେ ଥିବା ଦଳକୁ ପ୍ରଚୁର ଅର୍ଥ ଦେଇଥାନ୍ତି । ଯେତିକି ଦିଅନ୍ତି, ତାହାର ୧୦୦୦ଗୁଣ ଫାଇଦା ଉଠାନ୍ତି । ସେମାନଙ୍କ ସ୍ୱାର୍ଥ ସାଧନ ପାଇଁ ଆଇନରେ ପରିବର୍ତ୍ତନ କରାଯିବା ସହ ଟିକସ ହ୍ରାସ କରାଯାଏ । ସେମାନେ ବହୁ କୋଟି ଟଙ୍କା ଟିକସ ଫାଙ୍କିଲେ ବା ବ୍ୟାଙ୍କ ଋଣ ନ ଶୁଝିଲେ ମଧ୍ୟ ଆଇନ ତାଙ୍କୁ ସ୍ପର୍ଶ କରିପାରେନାହିଁ । ବରଂ ସହଜରେ ବିଦେଶକୁ ପଳାନ୍ତି ଓ ଅୟସ କରନ୍ତି । ୨୦୨୩-୨୪ ସୁଦ୍ଧା ଅନାଦାୟ ଟିକସ ପରିମାଣ ୩୧.୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ୧୦ ବର୍ଷରେ ବ୍ୟାଙ୍କଗୁଡ଼ିକର ଋଣ ରାଇଟ୍ ଅଫ୍ ପରିମାଣ ୧୬.୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାର ମାତ୍ର ୧୬ ପ୍ରତିଶତ ଆଦାୟ ହୋଇଛି । ଯେଉଁମାନେ ଏତେ ମାତ୍ରାରେ ଟିକସ ଫାଙ୍କୁଛନ୍ତି ବା ବ୍ୟାଙ୍କ ଋଣ ଶୁଝୁନାହାନ୍ତି, ସେମାନଙ୍କୁ କାହିଁକି ଦଣ୍ଡିତ କରାଯାଉନାହିଁ ? ପୁନଶ୍ଚ ବିଶ୍ୱରେ ଅନେକ ଟାକ୍ସ ହାଭେନ୍ସ ବା ଟିକସ ଭୂସ୍ୱର୍ଗ ରହିଛି, ଯେଉଁଠି ଟଙ୍କା ରଖିଲେ ଟିକସ ବହୁତ କମ୍ ପଡ଼େ ଏବଂ ନାମ ଲୁକ୍କାୟିତ ରୁହେ । ପାନାମା ପେପର୍ସ ଏବଂ 'ପାଣ୍ଡୋରା ପେପର୍ସରୁ' ମଧ୍ୟ ଜଣାପଡ଼ିଛି, ଭାରତୀୟମାନେ କିପରି କଳାଟଙ୍କା ଟିକସ ଭୂସ୍ୱର୍ଗରେ ରଖିଛନ୍ତି ଏବଂ ଟିକସ ଫାଙ୍କୁଛନ୍ତି । କର୍ପୋରେଟମାନେ ସେଠି ପଞ୍ଜୀକୃତ ହୋଇ ଟିକସ ମଧ୍ୟ ଫାଙ୍କୁଛନ୍ତି । କଳାଟଙ୍କା ଆମ ଦେଶରୁ ଯାଇ ବିଭିନ୍ନ ଟିକସ ଭୂସ୍ୱର୍ଗରେ ପଞ୍ଜୀକୃତ ହୋଇ ଆମ ଦେଶକୁ ଏଫ୍ ବା ଷ୍ଟକ୍ ମାର୍କେଟରେ ବିଦେଶୀ ଆନୁଷ୍ଠାନିକ ନିବେଶକ ଭାବେ ଆସୁଛନ୍ତି । ଏହାଦ୍ୱାରା କଳାଟଙ୍କା ଧଳା ହେଉଛି । ୨୦ ଜାନୁଆରୀ ୨୦୨୫ରେ ଅକ୍ସଫାମ୍‌ର ରିପୋର୍ଟ 'ଟେକର୍ସ ନଟ୍ ମେକର୍ସ' ରିପୋର୍ଟ ଅନୁସାରେ ଅଧିକାଂଶ କୋଟିପତି ସମ୍ପତ୍ତି ନିଜ ଦକ୍ଷତା, ପରିଶ୍ରମ ଓ ପ୍ରତିଭା ଯୋଗୁ ଅର୍ଜନ କରି ନ ଥାନ୍ତି, ୬୦% ଉତ୍ତରାଧିକାର, ସମ୍ପର୍କବାଦ ଏବଂ ଦୁର୍ନୀତି କିମ୍ବା ଏକାଧିକାର ଶକ୍ତିରୁ ଆସିଥାଏ । ଏଣୁ ଦୁର୍ନୀତି ବିଲୋପ ପାଇଁ ଉପର ସ୍ତରରୁ ପ୍ରକ୍ରିୟା ଆରମ୍ଭ ହେବା ଉଚିତ ।

ମୋ:୯୪୩୭୨୦୮୭୬୨

# ଭେନେଜୁଏଲାର ଲୌହ ମାନବୀ

**ବ୍ୟକ୍ତିତ୍ୱ**



ମାରିଆ କୋରିନା ମାଚାଡୋ

'ଶାନ୍ତି କ୍ଷମତା କିମ୍ବା ପ୍ରଚାର ମାଧ୍ୟମରେ ନୁହେଁ, ବରଂ ତ୍ୟାଗ ଓ ନ୍ୟାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ଜରିଆରେ ଅର୍ଜନ କରାଯାଏ' । ନରଓ୍ୱେଜିଆନ୍ ନୋବେଲ କମିଟି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ଘୋଷଣା କରିବା ଅବସରରେ ଉପରଲିଖିତ ମନ୍ତବ୍ୟ ବାଢ଼ି ବିଶ୍ୱକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱରେ ଦେଖାଦେଇଥିବା ଅନେକ ଯୁଦ୍ଧକୁ ରୋକିଥିବା ଦାବି କରି ଆସୁଥିବାରୁ ଚଳିତ ବର୍ଷ ନୋବେଲ ପୁରସ୍କାର ପାଇବାକୁ ହକ୍‌ଦାର ବୋଲି କହିଆସୁଥିଲେ । ୧୦ ଅକ୍ଟୋବରରେ ମାରିଆଙ୍କ ନାମ ଘୋଷଣା ପରେ ଭେନେଜୁଏଲାର ଏକଛତ୍ରବାଦୀ ଶାସକଙ୍କ ବିରୋଧରେ ଲଢ଼େଇ କରୁଥିବା ଏହି ଲୌହ ମାନବୀ ୩୩୮ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରେ ଏକମାତ୍ର ତାରକା ହେବାର ଗୌରବ ଅର୍ଜନ କରିଛନ୍ତି । ଆଲୋଚନାର ବିଷୟ ଏହା ପାଲଟିଛି ଯେ, ମାରିଆଙ୍କ ନାମ ନୋବେଲ ଶାନ୍ତି ପୁରସ୍କାର ପାଇଁ ଘୋଷଣା ହେବା ପରେ ସେ ଟ୍ରମ୍ପ୍, ଆମେରିକୀୟ ଜନସାଧାରଣ, ଲାଟିନ୍ ଆମେରିକୀୟ, ଗଣତନ୍ତ୍ର ପାଇଁ ଉଦ୍ୟମ କରୁଥିବା ରାଷ୍ଟ୍ରଗୁଡ଼ିକୁ ଧନ୍ୟବାଦ ଜଣାଇଛନ୍ତି । ଯନ୍ତ୍ରଣା ଭୋଗୁଥିବା ଭେନେଜୁଏଲାବାସୀଙ୍କ ସହ ଟ୍ରମ୍ପ୍ ତାଙ୍କୁ ସମର୍ଥନ ଦେଇଥିବାରୁ ମାରିଆ ଏହି ପୁରସ୍କାରକୁ ସେମାନଙ୍କ ସକାଶେ ଉତ୍ସର୍ଗ କରିଛନ୍ତି । ଏଠି ମଧ୍ୟ ମାରିଆଙ୍କ ମହାନତାର ପରିଚୟ ମିଳିଛି ।

ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ତଥା ଗଣତାନ୍ତ୍ରିକ ଦଳ 'ଭେଣ୍ଟ ଭେନେଜୁଏଲା'ର ପ୍ରତିଷ୍ଠାତା ମାରିଆ ୧୯୬୭ ମସିହାରେ କାରାକାସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ମାତା ଜଣେ ମନୋବିଜ୍ଞାନୀ ଥିବାବେଳେ ପିତା ଇସ୍ପାତ ବ୍ୟବସାୟୀ । ସେ ଇଞ୍ଜିନିୟରିଂ ଓ ଅର୍ଥନୀତିରେ ସ୍ନାତକୋତ୍ତର କରିବା ପରେ କିଛି ସମୟ ପାରିବାରିକ ବ୍ୟବସାୟରେ ନିଜକୁ ନିୟୋଜିତ କରିଥିଲେ । କିନ୍ତୁ ସାମାଜିକ ନେତୃତ୍ୱ ନେବା ପାଇଁ ତାଙ୍କ ମନ ଟାଣିବାରୁ ପ୍ରାରମ୍ଭିକ ଅବସ୍ଥାରେ ୧୯୯୨ରେ ସେ 'ଆଟେନିଆ ଫାଉଣ୍ଡେଶନ' ଗଢ଼ି ରାଜଧାନୀ କାରାକାସ୍‌ର ଦୁଃଖୀରଙ୍କୀଙ୍କୁ ସହାୟତା ଯୋଗାଇଥିଲେ । ପରେ ୨୦୦୨ରେ 'ସୁମାଟେ' ନାମକ ଭୋଟର ଅଧିକାର ସଙ୍ଗଠନ ପ୍ରତିଷ୍ଠା କରିଥିଲେ । ଏହାରି ମାଧ୍ୟମରେ ପରବର୍ତ୍ତୀ ସମୟରେ ସେ ରାଜନୀତି ଆଡ଼କୁ ଢଳିଥିଲେ ଓ ୨୦୧୧ରେ ରେକର୍ଡ ସଂଖ୍ୟକ ଭୋଟ ପାଇ ଭେନେଜୁଏଲାର ନ୍ୟାଶନାଲ ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ସରକାରଙ୍କ କାର୍ଯ୍ୟକୁ ଦୃଢ଼ ବିରୋଧ କରିବାରୁ ୨୦୧୪ରେ ତାଙ୍କୁ ବହିଷ୍କାର କରାଯାଇଥିଲା । ମାରିଆ ଭେଣ୍ଟ ଭେନେଜୁଏଲା ବିରୋଧୀ ଦଳର ମୁଖ୍ୟ ଅଛନ୍ତି । ୨୦୧୭ରେ ସେ ସୋୟ ଭେନେଜୁଏଲା ଆଲାଏନ୍ସ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୨୦୨୩ରେ ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଘୋଷଣା କରିଥିଲେ । କିନ୍ତୁ ରାଷ୍ଟ୍ରପତି ନିକୋଲାସ ମଦୁରୋ ଷଡ଼ଯନ୍ତ୍ର କରି ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ । ତେଣୁ ମାରିଆ ବିରୋଧୀ ଦଳଗୁଡ଼ିକର ବିକଳ୍ପ ପ୍ରାର୍ଥୀ ଏଡ୍‌ମୁଣ୍ଡେ ଗୋଞ୍ଜାଲେଜ୍ ଉରୁଟିଆଙ୍କୁ ସମର୍ଥନ ଘୋଷଣା କରିଥିଲେ । ହେଲେ ଏକଛତ୍ରବାଦୀ ଶାସକଙ୍କ ଆଗରେ ଗଣତନ୍ତ୍ରର ଅର୍ଥ କିଛି ନ ଥାଏ । ଭୋଟରେ ବ୍ୟାପକ କାରସାଦି କରିବାରୁ ମଦୁରୋ ପୁଣି ରାଷ୍ଟ୍ରପତି ହୋଇଥିଲେ । ସୂଚନା ଦିଆଯାଇପାରେ ଯେ, ୧୯୯୦ ଦଶକ ଯାଏ ଭେନେଜୁଏଲା ଲାଟିନ୍ ଆମେରିକାରରେ ସର୍ବାଧିକ ସମୟ ପାଇଁ ଅନ୍ୟତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ପରିଚିତ ଥିଲା । କିନ୍ତୁ ଏବେ ସେହି ଭୂଖଣ୍ଡରେ ଭେନେଜୁଏଲା ଏକଛତ୍ରବାଦୀ ଶାସକଙ୍କ କବଳକୁ ଚାଲିଯାଇଛି । ହୁଗୋ ଚାଭେଜ ଗଣତନ୍ତ୍ରକୁ ମୋଡ଼ିମକଚି ଏକଛତ୍ରବାଦର ଧ୍ୱଜା ଉଡ଼ାଇଲା ପରେ ତାଙ୍କ ପଥ ଅନୁସରଣ କରିଚାଲିଛନ୍ତି ନିକୋଲାସ ମଦୁରୋ । ଏଭଳି ପରିପ୍ରେକ୍ଷୀରେ ଦେଶରେ ଗଣତନ୍ତ୍ରକୁ ପୁନଃ ପ୍ରତିଷ୍ଠା କରିବା ଲାଗି ମାରିଆ ପୂର୍ଣ୍ଣପ୍ରାଣରେ ଲାଗିପଡ଼ିଛନ୍ତି ।

ମାରିଆଙ୍କ ବ୍ୟକ୍ତିତ୍ୱକୁ ଦେଖିଲେ ସେ ଜଣେ ଦୃଢ଼ମନା, ନୀତିବାନ୍ ଓ ନ୍ୟାୟ ପାଇଁ ଲଢୁଥିବା ମହୀୟସୀ ମହିଳା ପାଲଟିଯାଇଛନ୍ତି । ଏକଛତ୍ରବାଦ ବିରୋଧରେ ସେ ଯେଉଁଭଳି ଭାବେ ଲଢ଼ିଚାଲିଛନ୍ତି, ତାଙ୍କୁ ସମର୍ଥକମାନେ ଦେଶର 'ଆଇରନ୍ ଲେଡି' ଭାବେ ଆଖ୍ୟା ଦେଇଛନ୍ତି । ଏପରି କି ତାଙ୍କୁ ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ ଥାଚରଙ୍କ ସହ ତୁଳନା କରାଯାଉଛି । ଯୁକ୍ତରାଷ୍ଟ୍ର ଆମେରିକାର ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ତାଙ୍କୁ 'ଟାଇମ୍ସ ୨୦୨୫'ର ସବୁଠାରୁ ପ୍ରଭାବଶାଳୀ ୧୦୦ ତାଲିକାରେ 'ଦୃଢ଼ତା, ଅଦମ୍ୟ ସାହସୀ ଓ ଦେଶପ୍ରେମର ପ୍ରତୀକ' ଭାବେ ଅଭିହିତ କରିଛନ୍ତି । ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଭଳି ବ୍ୟକ୍ତି ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ମାରିଆ କରୁଥିବା ଉଦ୍ୟମକୁ ଉଚ୍ଚପ୍ରଶଂସା କରିଛନ୍ତି । ମାରିଆଙ୍କୁ ଦେଖିଲେ ମ୍ୟାନ୍‌ମାରର ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ଅଙ୍ଗ୍ ସାନ୍ ସୁ ଚୀଙ୍କ ବ୍ୟକ୍ତିତ୍ୱ ଆଖିଆଗକୁ ଆସିଥାଏ । ସୁ ଚୀ ମଧ୍ୟ ତାଙ୍କ ଦେଶରେ ଗଣତନ୍ତ୍ରକୁ ଏକପ୍ରକାର ସଫଳ କରିଆଣିଥିଲେ । ହେଲେ ଏକଛତ୍ରବାଦୀମାନେ ପୁନଶ୍ଚ ଲେଉଟି ପଡ଼ିଲେ । ତେବେ ସୁ ଚୀଙ୍କ ସଂଘର୍ଷ ତାଙ୍କୁ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ଦେଇଥିଲା । ଭେନେଜୁଏଲା ତୈଳ ଭଣ୍ଡାରରେ ଭରପୂର ଏକ ଦେଶ, ଯାହାର ସୁଦୃଢ଼ ଅର୍ଥନୀତିକୁ ଏକଛତ୍ରବାଦୀ ଓ ତାଙ୍କ ସମର୍ଥକମାନେ କୋରି ଖାଇଚାଲିଛନ୍ତି । ମାରିଆଙ୍କ ଆଶା ରହିଛି ଦେଶକୁ ଗଣତନ୍ତ୍ର ଫେରିଆସିଲେ ସେଠାକାର ଜନସାଧାରଣ ତାହାର ସୁଫଳ ପାଇପାରିବେ । ଯେତେବେଳଯାଏ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ନ ହୋଇଛି ସେବେ ଯାଏ ତାଙ୍କ ସଂଗ୍ରାମ ଜାରି ରହିବ ବୋଲି ମାରିଆ କହିଛନ୍ତି ।

ବ୍ୟକ୍ତିଗତ ଜୀବନ ଦେଖିଲେ ମାରିଆ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଛନ୍ତି । ତାଙ୍କର ତିନିସନ୍ତାନ । ନିଜ ଦେଶରେ ଜୀବନ ପ୍ରତି ବିପଦ ଥିବାରୁ ପିଲାମାନେ ବିଦେଶରେ ଅଛନ୍ତି । ମାରିଆ ମାଚାଡୋ ଜଣେ କ୍ୟାଥୋଲିକ୍ ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କାଶ୍ମୀରରେ ପୁରୁଣା ଚିନାର ଗଛଗୁଡ଼ିକର ସୁରକ୍ଷା ପାଇଁ ଏକ ଅଭିନବ ଉପାୟ ଆପଣାଇ ସେଠାକାର ବନ ବିଭାଗ ଗଛଗୁଡ଼ିକରେ କ୍ୟୁଆର୍ ଆଧାର ଟ୍ୟାଗ ଲଗାଇଛି । ବସନ୍ତଋତୁରେ ଏହି ଗଛର ସୌନ୍ଦର୍ଯ୍ୟ ଆକର୍ଷଣୀୟ । ଏହା ଭଲ ଛାଇ ଦେଇଥାଏ ଏବଂ ଏକ ପୂର୍ଣ୍ଣାଙ୍ଗ ଉଚ୍ଚତା ବିଶିଷ୍ଟ ଗଛ ଅର୍ଥାତ୍ ୩୦ମିଟର ଉଚ୍ଚ ଓ ୧୦ରୁ ୧୫ ମିଟର ଗୋଲେଇର ଗଣ୍ଡି ହେବା ଲାଗି ୧୫୦ ବର୍ଷ ଲାଗିଯାଏ । ଏହି ଗଛକୁ ସ୍ଥାନୀୟ ଅଞ୍ଚଳରେ ବୋଉନି ବୋଲି କୁହାଯାଏ, ଯାହା ସଂସ୍କୃତ ଶବ୍ଦ ଭଓ୍ୱାନି(ଦେବୀ)ରୁ ଆସିଛି । ଉଲ୍ଲେଖନୀୟ ଯେ, କଶ୍ମୀରୀରେ ମୋଗଲ ଓ ଡୋଗ୍ରା ରାଜତ୍ୱ ସମୟରେ ଏହି ସବୁ ଗଛ ଲଗାଯାଇଥିଲା । କୁହାଯାଏ, ଆକବର ମଧ୍ୟ ୧୨୦୦ ଚିନାର ଗଛ ଲଗାଇଥିଲେ । ହେଲେ ଏହାକୁ କାଟିବା ଯୋଗୁ ଗଛ ସଂଖ୍ୟା ଆଶାତୀତ ଭାବେ କମିଯାଇଛି । ୧୯୭୦ ମସିହା ସୁଦ୍ଧା ମୋଟ ଗଛ ସଂଖ୍ୟା ୪୨,୦୦୦ ଥିବାବେଳେ ଏବେ ତାହା ୧୭,୦୦୦ରୁ ୩୪,୦୦୦ ମଧ୍ୟରେ ରହିଛି । ତେବେ ବନ ବିଭାଗ ପାଖାପାଖି ୧୦,୦୦୦ ଗଛରେ କ୍ୟୁଆର୍ ଆଧାର ଲଗାଯିବା ପରେ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ସହଜ ହୋଇଛି ।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୭୬

- ଲେବାନନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ନିମିତ୍ତ ସିରିଆ, ଲେବାନନ ଓ ପାଲେଷ୍ଟାଇନ ପ୍ରତିନିଧିମାନେ ଏକ ନୂତନ ଉଦ୍ୟମର ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ।
- ଭାରତ ଓ ମୋଜାମ୍ବିକ ମଧ୍ୟରେ ଏକ ଅର୍ଥନୈତିକ, ବୈଷୟିକ ସହଯୋଗ ଚୁକ୍ତି ସ୍ୱାକ୍ଷରିତ ।
- ବିହାରର ଜନୈକ ଏମ୍.ଏଲ୍.ଏ. ଶ୍ରୀ ଭୋଲା ସିଂହ କମ୍ୟୁନିଷ୍ଟ ଦଳ ତ୍ୟାଗ କରି କଂଗ୍ରେସରେ ଯୋଗଦେଇଛନ୍ତି ।

## ଚିରନ୍ତନୀ

ଷଡ଼ ଦର୍ଶନ ସକଳ ଗ୍ରନ୍ଥ
ସବୁ ଧରମର ପରମ ଅର୍ଥ
ଅତୀତର ପ୍ରିୟ କେଉଁ ଶାରଦୀୟ
ଗୋଧୂଳି ଅରୁଣ ପରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେବଳ ଦୁର୍ଗାପୂଜା କାହିଁକି

ମହାଶୟ,

ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ଦୁର୍ଗା ମେଢ଼କୁ ଆର୍ଥିକ ଅନୁଦାନ ପ୍ରଦାନ କରିବେ ବୋଲି ଘୋଷଣା କରିଛନ୍ତି । ଓଡ଼ିଶାର ସର୍ବମୋଟ ଏକ ହଜାର ପଞ୍ଚାଅଶୀ ଗୋଟି ଦୁର୍ଗା ମେଢ଼କୁ କ, ଖ, ଓ ଗ ଶ୍ରେଣୀରେ ବିଭକ୍ତ କରି ଯଥାକ୍ରମେ ୧ ଲକ୍ଷ ୧ ହଜାର, ୭୫ହଜାର ଏବଂ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ । ଆମର କହିବାର କଥା କେବଳ ଦୁର୍ଗାମେଢ଼ କାହିଁକି ? ଓଡ଼ିଶାର ଜଟଣୀ ଗଣେଶ ପୂଜା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା ତଥା ଭଦ୍ରକ କାଳୀ ପୂଜା ଭାରତ ପ୍ରସିଦ୍ଧ । ଏହି ସବୁ ପୂଜା ଅନୁଷ୍ଠାନରୁ ଅନେକ ହୁଏତ ୧୦୦ ବର୍ଷ ପୂରଣ କରିସାରିଥିବେ । ସରକାର ଦୁର୍ଗାପୂଜା ବା ଦୁର୍ଗାମେଢ଼କୁ ଯେତିକି ଗୁରୁତ୍ୱ ଦେଉଛନ୍ତି, ସେତିକି ଗୁରୁତ୍ୱ ଉପରୋକ୍ତ ପୂଜାଗୁଡ଼ିକୁ ଦିଅନ୍ତୁ । ଅନୁଷ୍ଠାନଗୁଡ଼ିକୁ ଶ୍ରେଣୀ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ।

– ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ**

ରାଇରଙ୍ଗପୁର,(ମାନସ ମହାନ୍ତି): ବାଦାମପାହାଡ଼ ଥାନା ଅଧୀନ ବାସଲା ଗ୍ରାମରେ ଶନିବାର ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମତିଆ କଳା(୭୬)। ରାମତିଆ ଭୋର ସମୟରେ ଗ୍ରାମ ନିକଟସ୍ଥ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ଏକ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ବାଦାମପାହାଡ଼ ରେଞ୍ଜ ବନ କର୍ମଚାରୀ ପୋଲିସ ସହ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୫) ରୁଜୁ କରିଛି।

**ମୟୂରଭଞ୍ଜ**

# ଡାକ୍ତରଖାନାରୁ ନବଜାତ ପୁତ୍ର ସନ୍ତାନ ଚୋରି

**୬ ଘଣ୍ଟା ପରେ ଉଦ୍ଧାରକଲା ପୋଲିସ**

ବାରିପଦା,୧୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମା' କୋଳରୁ ନବଜାତ ଶିଶୁ ପୁତ୍ର ଚୋରି ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୋଗ ପରେ ପୋଲିସ ଛାନ୍‌ଭିନ୍ କରି ୬ ଘଣ୍ଟା ମଧ୍ୟରେ ବୈଶିଙ୍ଗା ଥାନା ଅଞ୍ଚଳରୁ ନବଜାତକଙ୍କୁ ଉଦ୍ଧାରକରି ମା'ଙ୍କୁ ଫେରାଇଛି। ଏହାସହ ଶିଶୁ ଚୋରି କରିଥିବା ମହିଳାଙ୍କୁ ଅଟକ ରଖି ଅଧିକ ପଚରାଉଚୁରା ଜାରି ରଖିଛି। ବାରମ୍ବାର ଏଭଳି ଘଟଣା ଡାକ୍ତରଖାନାରେ ଘଟୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବାରିପଦା ସଦର ଥାନା ରାଣୀଭୋଳ ଗ୍ରାମର ଫୁଲମଣି ସୋରେନ(୨୦)ଙ୍କ ଶୁକ୍ରବାର ପ୍ରସବଜନିତ ବେଦନା ହୋଇଥିଲା। ଆଶାକର୍ମୀଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିଲେ। ବାଟରେ ଆମ୍ବୁଲାନ୍ସରେ ଫୁଲମଣି ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ମହିଳା ଓ ଶିଶୁ ବିଭାଗରେ ଭର୍ତ୍ତି କରାଯାଇଥିଲା। ୫ ମହଲାର ପ୍ରସୂତି ୱାର୍ଡ-୧ରେ ଚିକିତ୍ସାଧୀନ ଥିବା ସମୟରେ ଅଭିଯୁକ୍ତ ମହିଳା ପାଖାପାଖି ରହୁଥିଲେ। ନବଜାତକଙ୍କୁ ସାମାନ୍ୟ ଛିଙ୍କ କାଶ ହେବାରୁ ଫୁଲମଣିଙ୍କ ସହ କଥାବାର୍ତ୍ତା ହୋଇ ଡାକ୍ତର ଦେଖାଇବାକୁ କହିଥିଲେ। ଏହା ସହ ସରକାରୀ ସହାୟତା ଯୋଗାଇଦେବେ ବୋଲି କହିଥିଲେ। ମହିଳାଙ୍କ କଥାରେ ଶନିବାର ସକାଳ ୬ଟା ସମୟରେ ଶିଶୁଙ୍କ ପିତା ଧାନାଇ ହାଁସଦା ନବଜାତକଙ୍କୁ ଧରି ୫ ମହଲାରୁ ତଳକୁ ଆସିଥିଲେ। ତଳେ ପହଞ୍ଚିବା ପରେ ମହିଳା ଜଣକ ପ୍ରସୂତି ମା'ଙ୍କ ଫଟୋ ଆବଶ୍ୟକ ଥିବା କହି ଛୁଆକୁ ନିଜେ ଧରି ଧାନାଇଙ୍କୁ ଉପରୁ ପଠାଇଥିଲେ। ଧାନାଇ ଫଟୋ ଆଣି ଫେରିବା ବେଳକୁ ଶିଶୁଙ୍କୁ ନେଇ ମହିଳା ଜଣକ ଚମ୍ପଟ ମାରିଥିଲେ। ଧାନାଇ ମହିଳାଙ୍କୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ଫାଣ୍ଡିରେ ଅଭିଯୋଗ କରିଥିଲେ। ଘଟଣାକୁ ଗୁରୁତର ସହ ନେଇ ପୋଲିସ ସିସିଟିଭି ଯାଞ୍ଚକରି ଖୋଳତାଡ଼ ଆରମ୍ଭ କରିଥିଲା। ମହିଳା ଜଣକ ଶିଶୁପୁତ୍ରକୁ ଧରି ବୈଶିଙ୍ଗା ଥାନା ନିଜ ଗ୍ରାମକୁ ଯାଇଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ସେଠାରେ ପହଞ୍ଚି ଶିଶୁପୁତ୍ରଙ୍କୁ ଉଦ୍ଧାର କରିଥିଲା। ପରେ ଶିଶୁରୋଗ ବିଶେଷଜ୍ଞ ନବଜାତକର ଚିକିତ୍ସା କରିଛନ୍ତି।

ଅଭିଯୁକ୍ତ ମହିଳା ପ୍ରସୂତୀ ମହିଳା ଭାବେ ନାଟକ କରି ଗତ ୭ ତାରିଖରେ ପ୍ରସୂତି ୱାର୍ଡରେ ଭର୍ତ୍ତି ହୋଇଥିଲେ। ପେଟରେ କପଡ଼ା ଗୁଡ଼ାଇ ଗର୍ଭଧାରଣର ଅଭିନୟ କରୁଥିଲେ। ଡାକ୍ତର ପରୀକ୍ଷା ପାଇଁ ଚାମ୍ବରକୁ ଡାକୁଥିବା ବେଳେ ସେ ଏଡ଼ାଇ ଯାଉଥିଲେ। ୨ଦିନ ରହିବା ପରେ ସ୍ୱାସ୍ଥ୍ୟକର୍ମୀମାନେ ମହିଳାଙ୍କୁ ଧରି ଡାକ୍ତରଙ୍କ ଚାମ୍ବରକୁ ନେବା ପରେ ପେଟରେ କପଡ଼ା ରଖାଯାଇଥିବା ଜାଣିବାକୁ ପାଇଥିଲେ। ତାଙ୍କ କଥାବାର୍ତ୍ତାରେ ତାଳମେଳ ରହୁ ନ ଥିବାରୁ ତାଙ୍କୁ ମାନସିକ ବିକାରଗ୍ରସ୍ତ ୱାର୍ଡକୁ ସ୍ଥାନାନ୍ତର କରିଥିଲେ। ପରେ ଭେଷକ ୱାର୍ଡରେ ଭର୍ତ୍ତି କରି ଚିକିତ୍ସା ଜାରି ରଖିଥିଲେ। ତେବେ ସେହି ୱାର୍ଡରୁ ପଳାଇ ଆସି ପ୍ରସୂତି ୱାର୍ଡରେ ଲୁଚି ରହି ପିଲା ଚୋରି କରିବାର ଯୋଜନା କରୁଥିଲେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ଶିଶୁପୁତ୍ରଟି ମା' କୋଳକୁ ଫେରିଥିବାରୁ ପରିବାର ଲୋକେ ଖୁସି ପ୍ରକଟ କରିଛନ୍ତି। ଏସଂକ୍ରାନ୍ତରେ ଥାନା ଅଧିକାରୀ କରୁଣାକର ରାଉତ କହିଛନ୍ତି, ଅଭିଯୁକ୍ତ ମହିଳାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରହିଛି। ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାରିପଦା,୧୧।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜାତୀୟ କୃଷି ବିଜ୍ଞାନ ପରିସର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଦେଶରେ ୨ଟି ନୂତନ ଯୋଜନାର ଶୁଭାରମ୍ଭ ହୋଇଛି। ଏହି କ୍ରମରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟାଙ୍କ ମିଳିତ ସହଯୋଗରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୁଖ୍ୟ ଅତିଥିଭାବେ ଜିଲାପାଳ ହେମକାନ୍ତ ସୟ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଆମ ରାଜ୍ୟର ମାଲକାନଗିରି, କନ୍ଧମାଳ, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟକାରୀ ହେବ। ଏହି ଯୋଜନାର ଉତ୍ପାଦନ ବୃଦ୍ଧି, ଜଳସେଚନ ଅଭିବୃଦ୍ଧି, ଅଣଧାନ ଫସଲର ଅଭିବୃଦ୍ଧି ଏବଂ ସହଜ ଋଣର ସୁବିଧା ଇତ୍ୟାଦି ଏହାର ଲକ୍ଷ୍ୟ ରହିଛି। ଦେଶର ଚାଷୀଙ୍କୁ ଡାଲି ଜାତୀୟ ଫସଲରେ ଆତ୍ମ ନିର୍ଭର କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନର ଶୁଭାରମ୍ଭ କରିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସଙ୍କ ତତ୍ତ୍ୱାବଧାନରେ ଉପ କୃଷି ନିର୍ଦ୍ଦେଶକ ଟଙ୍କଧର କାଲୋ ଉପସ୍ଥିତ ରହି ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମଧୁସ୍ମିତା ଜେନା, ରମ୍ୟରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଝୁନିଲତା ଭୂୟାଁ, ପ୍ଲାବିତା ରାୟ, ଗୋବିନ୍ଦ ଚନ୍ଦ୍ର ଧଳ ପରିଚାଳନା କରିଥିଲେ। କାନ୍ତା ପୁଥାଲ, ସରୋଜ ଦାସ, ମାନସ ରଞ୍ଜନ ମହାନ୍ତି, ରାଜାରାମ ସାହୁ, ସିଦ୍ଧାର୍ଥ ଦାସ, ତୁଷାର ମହାନ୍ତି ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗ କରିଥିଲା। ଜିଲାର ବିଭିନ୍ନ ବ୍ଲକ୍‌ରୁ ୨ଶହ ଚାଷୀ ଯୋଗଦେଇ ନୂତନ ଯୋଜନା ସମ୍ପର୍କିତ ସୂଚନା ପ୍ରାପ୍ତ କରିଥିଲେ।

## ଚଳନ୍ତା ଟ୍ରେନ୍ ଆଗରେ ଶୋଇପଡ଼ିଲେ ମହିଳା

ବୈଶିଙ୍ଗା,୧୧।୧୦(ରତନ ଦାଶ): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ରୁପସା ରେଳପଥ ଅନ୍ତର୍ଗତ ବେତନଟୀ ବ୍ଲକ୍ ଆମଗଡ଼ିଆ ଉପକଣ୍ଠ ନୂଆସାହିଠାରେ ଶୁକ୍ରବାର ଅପରାହ୍ନ ୩ଟାରେ ରେଳଧାରଣାରେ ଶୋଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ଜଣକ ହେଉଛନ୍ତି ସ୍ଥାନୀୟ ନୂଆସାହି ଗ୍ରାମର ପରମାନନ୍ଦ ସିଂଙ୍କ ସ୍ତ୍ରୀ ସିତୁ ଓରଫ କଟି(୪୬)। ପାରିବାରିକ କଳହରୁ ମହିଳା ଏଭଳି ଚରମ ପଦକ୍ଷେପ ନେଇଥିବା ଆଲୋଚନା ହେଉଛି। ସେ ବାଙ୍ଗିରିପୋଷିରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ମେମୁଟ୍ରେନ ଆଗରେ ଶୋଇପଡ଼ିଥିଲେ। ଫଳରେ ମହିଳାଙ୍କ ମୁଣ୍ଡରୁଗଣ୍ଡି ଅଲଗା ହୋଇଯାଇଥିଲା। ଲୋକପାଇଲଟଙ୍କଠାରୁ ସୂଚନାପାଇ ରୁପ୍‌ସ ଜଙ୍କସନରୁ ଜିଆରପି ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଥିଲେ। ତେବେ ସେତେବେଳକୁ ପରିବାର ଲୋକେ ମୃତଦେହ ରେଳଧାରଣାରୁ ଉଠାଇ ନେଇଥିବା କୁହାଯାଉଛି।

## ମଦ କାରଖାନାରେ ପୋଲିସର ଚଢ଼ାଉ

ବୈଶିଙ୍ଗା, ୧୧।୧୦(ରତନ ଦାଶ): ବୈଶିଙ୍ଗା ପୋଲିସ ପକ୍ଷରୁ ଶନିବାର ଏକ ବେଆଇନ ମଦ କାରଖାନା ଉପରେ ଚଢ଼ାଉ କରାଯାଇ ବିପୁଳ ମାତ୍ରାରେ ପୋଚ, ମଦ ଓ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରାଯାଇଛି। କେନ୍ଦୁଆ ପଞ୍ଚାୟତ ଭିତରଶୋଳ ଶାଳଜଙ୍ଗଲ ଭିତରେ ଏକ ବେଆଇନ ମଦ ତିଆରି କାରଖାନା ଚାଲୁଥିବା ଖବରପାଇ ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଅତର୍କିତ ଭାବେ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ଘଞ୍ଚ ଜଙ୍ଗଲ ଭିତରେ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। ଘଟଣାସ୍ଥଳରୁ ୨୦୫୦ ଲିଟର ପୋଚ ଓ ୨୦୦ ଲିଟର ମଦ ଓ ଏହାର ପ୍ରସ୍ତୁତି ନିମନ୍ତେ ବ୍ୟବହାର କରାଯାଉଥିବା ଡେକିଚି, କଡେଇ, ପ୍ଲାଷ୍ଟିକ ଜାରକିନ ଆଦି ସାମଗ୍ରୀ ନଷ୍ଟ କରିଦିଆଯାଇଥିଲା।

# ଆଜିଠୁ ୨,୧୨,୧୧୯ ଶିଶୁଙ୍କୁ ଦିଆଯିବ ପଲ୍‌ସ ପୋଲିଓ



ଜିଲା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ବାରିପଦା,୧୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ରବିବାରଠାରୁ ପଲ୍‌ସ ପୋଲିଓ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାର ସଫଳ ରୂପାୟନ ନିମନ୍ତେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଶୁକ୍ରବାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ହେମକାନ୍ତ ସୟ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଡିଏମ୍‌ଆର୍‌ପିଏଚ୍ ଏଲିନା ସାମଲ ପାୱାର ପଏଣ୍ଟ ଜରିଆରେ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରାକ୍ ପ୍ରସ୍ତୁତି ବିସ୍ତୃତ କାର୍ଯ୍ୟସୂଚୀ ଏବଂ ଏହାର କାର୍ଯ୍ୟାନ୍ୱୟନ ବିଷୟରେ ଉପସ୍ଥାପନ କରିଥିଲେ। ରବିବାର ପୋଲିଓ ଦିବସ ଭାବେ ପାଳନ ହେବ। ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଶୂନରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଟିକାକରଣ ଜରିଆରେ ପୋଲିଓ ବୁନ୍ଦା ଖୁଆଇବା ପାଇଁ ପ୍ରଯତ୍ନ କରାଯିବ। ଏହି ପୋଲିଓ ବୁନ୍ଦା ଖୁଆଇବା କାର୍ଯ୍ୟକ୍ରମ ଜିଲା ସଦର ଚିକିତ୍ସାଳୟ, ସମସ୍ତ ଉପଖଣ୍ଡ ଚିକିତ୍ସାଳୟ ସହ ପ୍ରତ୍ୟେକ ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ଅଙ୍ଗନୱାଡ଼ି କେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ମିଶାଇ ମୋଟ ୧୧୭୦ ବୁଥ୍‌ରେ ଉପଲବ୍ଧ ହେବ। ଜିଲାରେ ୨,୧୨,୧୧୯ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ମୋଟ ୨ଲକ୍ଷ ୫୦ହଜାର ଭ୍ୟାକ୍‌ସିନ ମହଜୁଦ ରହିଛି।

ଏହାର ସୁପରିଚାଳନା ପାଇଁ ୨୩୪୦ ଟିମ୍ ଗଠନ ସହ ୭୬ଟି ଆଇଏଲ୍‌ଆର୍ ପଏଣ୍ଟ ଏବଂ ୨୩୪୦ ଭ୍ୟାକ୍‌ସିନ କ୍ୟାରିଅରର ବ୍ୟବସ୍ଥା କରାଯାଇଛି। ଏ ସମ୍ବନ୍ଧରେ ଅଧିକ ବିବରଣୀ ପାଇଁ ସ୍ଥାନୀୟ ଆଶାକର୍ମୀ, ଏଏନ୍‌ଏମ୍ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି ବୋଲି ସେ କହିଥିଲେ। ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଜିଲାପାଳ କହିଥିଲେ, ଏହି ରୋଗର ଭୟାବହତା ଅତ୍ୟନ୍ତ ଦୁଃଖଦାୟକ। ଏଣୁ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସେବା ମନଭାବ ସହ ସମ୍ବେଦନଶୀଳ ହୋଇ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଏଡିପିଏଚ୍‌ଓ (ପରିବାର କଲ୍ୟାଣ) ଡା. ସୁନନ୍ଦା ମିଶ୍ର, ବାରିପଦା ପୌରପାଳିକା ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନୀହାରିକା ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ଗୁରୁ ଚରଣ ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ରୋଟାରୀ କ୍ଲବ୍ ସଭାପତି ପ୍ରମୁଖ ଯୋଗ ଦେଇଥିଲେ।

## ପାଣି ପମ୍ପ ଚୋରି ଘଟଣା, ଫେରାର ଯୁବକ ଗିରଫ

ବୈଶିଙ୍ଗା,୧୧।୧୦(ରତନ ଦାଶ): ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତର କାନ୍ଥି ଗ୍ରାମରୁ ପାଣି ପମ୍ପ ଚୋରି ଘଟଣାରେ ଫେରାର ଥିବା ଜଣେ ଯୁବକଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ସେ ହେଲେ କାନ୍ଥି ଗ୍ରାମର ଯତିନ ନାୟକ। ସେହି ଗ୍ରାମର ସଞ୍ଜୟ ଦାସଙ୍କ ଘରେ ଲାଗିଥିବା ଏକ ମୂଲ୍ୟବାନ ସବ୍‌ମର୍ସିବଲ ପାଣି ପମ୍ପକୁ ଯତିନ ଗତ ମାସ ୧୦ ତାରିଖ ରାତିରେ ଘରେ କେହି ନ ଥିବା ସୁଯୋଗରେ କବାଟ ଭାଙ୍ଗି ଚୋରି କରି ନେଇଥିଲେ। ସଞ୍ଜୟଙ୍କ ଅଭିଯୋଗକ୍ରମେ ପୋଲିସ ଖୋଳତାଡ଼ କରୁଥିବା ବେଳେ ଖବର ପାଇ ଯତିନ ଫେରାର ହୋଇଯାଇଥିଲେ। ଶୁକ୍ରବାର ସେ ତାଙ୍କ ଘରକୁ ଆସିଥିବା ସୂଚନା ପାଇ ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରିଥିଲା। ଯତିନଙ୍କୁ ପୋଲିସ ଗିରଫ କରିବା ସହ ସବ୍‌ମର୍ସିବଲ ପମ୍ପଟିକୁ ମଧ୍ୟ ଲୁଚାଇ ରଖିଥିବା ସ୍ଥାନରୁ ଜବତ କରାଯାଇଛି। ଏନେଇ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.37-SBP-TRD-OT-2025-26, ତା.07.10.2025ରିଖ

କାର୍ଯ୍ୟର ନାମ : "ଡୁଙ୍ଗୁରିପାଲି ଷ୍ଟେସନ ୟାର୍ଡ଼ ଠାରେ ଉଲଙ୍ଘନ (Infringement) ରୁ ରକ୍ଷା ପାଇବା ପାଇଁ ଫିଡିଙ୍ଗ୍ ପୋଷ୍ଟ ଏବଂ ଅନ୍ୟ ଟ୍ରାକ୍ସନ ଷ୍ଟ୍ରକ୍‌ଚରଗୁଡ଼ିକର ବ୍ୟବସ୍ଥା ଏବଂ ସ୍ଥାନାନ୍ତରଣ" କାର୍ଯ୍ୟ ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ"।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 95,46,042.48, EMD (ଟଙ୍କାରେ) : 1,90,900/-, ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.29.10.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)
PR-676/Q/25-26 ସମ୍ବଲପୁର

# ଗଛ କାଟିବା ବେଳେ ଚାପିହୋଇ ଚାଲିଗଲା ଜୀବନ

**୩୦ ଫୁଟ ଉପରେ ୩ ଘଣ୍ଟା ଝୁଲିରହିଲେ ଯୁବକ**

ଉଦଳା, ୧୧।୧୦ (ସନ୍ତୋଷ କୁମାର ବାଛିନୀ): ଗଛରେ ଚଢ଼ି ଡାଳ କାଟୁଥିଲେ। ଏହି ସମୟରେ ଲଦି ହୋଇଗଲା ଆଉ ଏକ ଗଛ। ଦୁଇ ଗଛ ମଧ୍ୟରେ ଚାପିହୋଇ ୩୦ ଫୁଟ ଉପରେ ୩ ଘଣ୍ଟା ଝୁଲିରହିଲେ ଯୁବକ। ଶେଷରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ବିଶୋଳ ଗ୍ରାମରେ। ମୃତକ ହେଲେ ଗ୍ରାମର ସୋମନାଥ ବେହେରା।

ସୂଚନା ଅନୁଯାୟୀ, ବିଶୋଳ ଗ୍ରାମର ରତ୍ନାକର ପୃଷ୍ଟିଙ୍କ ବାଡ଼ିରେ ଥିବା ଏକ ବଡ଼ ଆମ୍ବ ଗଛ କାଟିବାକୁ ସୋମନାଥ ସକାଳେ ଗଛରେ ଚଢ଼ିଥିଲେ। ଗଛରୁ ଡାଳ କାଟିବା ପରେ ହଠାତ୍ ସେହି ଗଛ ଉପରେ ଆଉଜି ରହିଥିବା ଏକ ବଡ଼ ତେନ୍ତୁଳି ଗଛ ଖସି ସୋମନାଥଙ୍କ ଉପରେ ପଡ଼ିଥିଲା। ତାଙ୍କ ବେକ ଉପରେ ତେନ୍ତୁଳି ଗଛ ପଡ଼ିରହିଥିଲା। ପ୍ରାୟ ୩୦ ଫୁଟ ଉପରେ ସେ ଏଭଳି ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖି ରତ୍ନାକର ଦମକଳ ବିଭାଗକୁ ଖବର ଦେଇଥିଲେ। କପ୍ତିପଦା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଢ଼େଇ ଘଣ୍ଟାର ପରିଶ୍ରମ ପରେ ଅପରାହ୍ନ ପ୍ରାୟ ୨ଟା ବେଳେ ସୋମନାଥଙ୍କୁ ଉଦ୍ଧାର କରିଥିଲା। ପରେ ତାଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କପ୍ତିପଦା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର




ବିଜ୍ଞାନ ସେମିନାରେ ଉପସ୍ଥିତ କୃତୀ ଛାତ୍ରୀଛାତ୍ର ଓ ବିଭାଗୀୟ ଅଧିକାରୀ।

ଝାରପୋଖରିଆ,୧୧।୧୦(ସୁଧୀର କୁମାର ମହାନ୍ତ): ମୟୂରଭଞ୍ଜ ଜିଲା ଝାରପୋଖରିଆସ୍ଥିତ ଝାରପୋଖରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଟିଇ ଆଣ୍ଡ ଏସ୍‌ସିଇଆରଟି ଓଡ଼ିଶା, ଭୁବନେଶ୍ୱର ବିଭାଗର ନିର୍ଦ୍ଦେଶ କ୍ରମେ ଶନିବାର ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ସାରସକଣା ବ୍ଲକ୍ ସହ ଶିକ୍ଷା ଅଧିକାରୀ ସୁମନ୍ତ କୁମାର ନାଏକ, ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ ବିକର୍ତ୍ତନ ବେହେରା ଉଦ୍‌ଘାଟନ କରିଥିଲେ। ସାରସକଣା ବ୍ଲକ୍‌ର ୧୦ ଉଚ୍ଚ ବିଦ୍ୟାଳୟର ୧୦ ଜଣ ବିଦ୍ୟାର୍ଥୀ ବକ୍ତୃତା ପ୍ରତିଯୋଗିତାରେ ବକ୍ତୃତା ପ୍ରଦାନ କରିଥିଲେ। ସେମିନାରରେ ଜଜ୍ ଭାବେ ଗାଙ୍ଗରାଜ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦୀପକ କୁମାର ବେହେରା ଓ (ଚିତ୍ରଡ଼ା) ନିଚୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭୀଷ୍ମ ଦେବ ମହାନ୍ତ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗିତାରେ ରାଜାଲୋକା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ପୁନମ ସାହୁ ପ୍ରଥମ, ଝାରପୋଖରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅଙ୍କନ ପ୍ରଭା ବେହେରା ଦ୍ୱିତୀୟ ଓ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଦେବା ପ୍ରକାଶ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ପୁନମ ସାହୁ ଚଳିତ ବର୍ଷ ଜିଲାସ୍ତରୀୟ ବିଜ୍ଞାନ ସେମିନାରରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। ବିଦ୍ୟାଳୟର ଜହରଲାଲ ରଣା, ପୁଷ୍ପଙ୍ଗନା ସାନ୍ତରା, ଗୌରାଙ୍ଗ ଚରଣ ମଣ୍ଡଳ, ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

**GOVERNMENT OF ODISHA** No.O-865
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No. : RWDSE_MKG_II_ONLINE_07/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road Repair works, 2. No. of Works : **31 Nos**, 3. Estimated Cost : **Rs.5.98 lakhs to Rs.39.88 Lakhs**,
4. Tender Paper Cost : Rs.4000/- & Rs.6000/-, 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking Tender Clarification | Date of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_07 of 2025-26 | 13.10.2025 at 11.00 AM | 24.10.2025 up to 05.30 PM | 23.10.2025 up to 3.00 P.M. | 27.10.2025 up to 11.00 A.M. |

- Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

Sd./- Superintending Engineer
Rural Works Division-II, Malkangiri
OIPR-25079/11/0033/2526

**GOVERNMENT OF ODISHA** No.O-963
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**
E_Mail : eerw_kuchinda@yahoo.com
**"e" Procurement Notice for Roads Works**
**Identification No Online Tender / 04 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 03 (Three) no. of Roads works in the District of Sambalpur for the year 2025-26.

1. Name of the work : Roads Works
2. Total Number of Works : 03 Nos.
3. estimated Cost : 57.81 Lakhs, 61.68 Lakhs & 66.15 Lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 04/RWD/KCD | 15.10.2025 at 11 A.M. | 23.10.2025 at 5.00 P.M. | 22.10.2025 at 5.00 A.M. | 24.10.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

Sd./- Superintending Engineer
Rural Works Division
Kuchinda
OIPR-25151/11/0029/2526

**GOVERNMENT OF ODISHA** No.O-951
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
**e-Procurement for Building works**
**Bid Identification No. : EERWJYP - Online - 06/2025-26**
**Letter No. : 4452** **Date : 04.10.2025**

01. Name of the work : Building works, 02. Total Number of works : 05 (Five) Nos., 03. Approximate Estimated cost : Rs.4.20 lakhs to Rs.65.96 lakhs (approximately), 04. Class of Contractor : "B", "C" & "D" Class, 05. Period of Completion : Within 1 or 9 Months, 06. Other Details

| Procurement officer | Bid Identification No. | Sl. No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender - 06/RWD-JYP/2025-26 | 05 Nos. | 13.10.2025 at 10.00 A.M. | 23.10.2025 upto 05.00 P.M. | 22.10.2025 at 1.30 P.M. | 24.10.2025 at 10.00 A.M. |

For details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd./- Executive Engineer
Rural Works Division, Jeypore
OIPR-25160/11/0024/2526

**OFFICE OF THE CHIEF CONSTRUCTION ENGINEER** No.O-942
**RURAL WORKS CIRCLE, BARIPADA**
E_Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Road Work**
**Identification No.- Online Tender- Road N.C.B. No.392 for 2025-26.**
**Letter No.4588/Date. 26.09.2025//**

1. Name of the work : Post DLP Maintenance of PMGSY Road Works (PR-KNJ-25) in the District of Mayurbhanj for the year 2024-25. 2. Total No. of work : 01 No. (One). 3. Estimated Cost : **Rs.38.72 lakhs** (approximately). 4. Eligible Class of Contractor : As per annexure. 5. Period of Completion : As per annexure. 6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.392 | Dt.13.10.2025 at 11.00 A.M. | Dt.23.10.2025 up to 5.00 P.M. | Dt.22.10.2025 up to 5.00 P.M. | Dt.24.10.2025 at 11.00 A.M. | Will be intimated later |

- **Further details can be seen from the website: www.tendersodisha.gov.in.**
- **Any Corrigendum / Addendum will be displayed in the above e_tender website only.**

Sd./- Chief Construction Engineer,
R.W. Circle, Baripada
OIPR-25130/11/0058/2526

**GOVERNMENT OF ODISHA** No.O-920
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BALLIGUDA**
Email : rw_balliguda@yahoo.com
**GEPNIC e-Procurement Notice**
**Bid Identification No. : EERWBLG - Online - 04/2025-26**
**No. : 3561 / Date : 25.09.2025**

01. Name of the work : Repair of Road Works, 02. Total No. of works : 3 Nos. (Percentage rate tender), 03. Estimated cost : As mentioned in Col.3 of Annexure, 04. Class of Contractor : As mentioned in Col.5 of Annexure, 05. Period of Completion : As mentioned in Col.4 of Annexure, 06. EMD : As mentioned in Col.6 of Annexure, 07. Paper Cost : As mentioned in Col.7 of Annexure, 08. Other Details

| Procurement officer | Bid Identification No. | Availability of tender online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Rural Works Division, Balliguda | EERWBLG - Online-04/2025-26 | 13.10.2025 at 10.00 A.M. | 27.10.2025 upto 5.00 P.M. | 28.10.2025 at 11.00 Hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website : www.tendersodisha.gov.in

Sd./- Executive Engineer
Rural Works Division, Balliguda
OIPR-25150/11/0008/2526

## ସଂକ୍ଷେପରେ

### ଶିଶୁ ମହୋତ୍ସବ 'ସୁରଭି'ରେ ୪୮୦ଛାତ୍ରୀଛାତ୍ର ସାମିଲ

ଭୋଗରାଇ, ୧୧।୧୦(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବହ୍ଲାରପୁର ଶ୍ରୀକାନ୍ତ ମୋକ୍ଷଦା ସରକାରୀ ହାଇସ୍କୁଲରେ ଶ୍ରୀବସ୍ତପୁର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଗୋପାଳ ମହାନ୍ତିଙ୍କ ସଭାପତିତ୍ୱରେ ଛାତ୍ରୀମାନେ ସ୍ୱାଗତସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ଦାସ ମଙ୍ଗଳାଚରଣ କରିଥିଲେ। ପୂର୍ବତନ ସିଆରସିସି ଗୌତମ କୁମାର ଦତ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୁରଭିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସିଆରସିସି ଚନ୍ଦନ କୁମାର ଜେନା ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ବିଇଓ ନିହାରରଞ୍ଜନ ଦାସ, ମୁଖ୍ୟବକ୍ତା ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଂଶୁମାନ ମହାନ୍ତି, ସରପଞ୍ଚ ସରସ୍ୱତୀ କରଣ, ପୂର୍ବତନ ସିଆରସିସି ଜୟନ୍ତୀ ପାତ୍ର, ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦତ୍ତ, ସାମାଜିକ କର୍ମୀ ସୁବଳ ଚନ୍ଦ୍ର ଜେନା, ପୂର୍ବତନ ପ୍ରଧାନ ଶିକ୍ଷକ ଦିଲୀପ କୁମାର ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ନିମନ୍ତେ ପ୍ରାଥମିକ ସ୍ତରରେ ସୁରଭିର ଆବଶ୍ୟକତା ରହିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶିକ୍ଷକ ଜୟନ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି କ୍ଲଷ୍ଟର ଅଧୀନରେ ୪୮୦ଜଣ ବରିଷ୍ଠ ଓ କନିଷ୍ଠ ବିଭାଗର ୧୯ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଦକ୍ଷ ବିଚାରକ ମଣ୍ଡଳୀ ଦ୍ୱାରା ଚୟନ କରାଯାଇ ବ୍ଲକ ସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ଅପରାହ୍ନରେ ଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଆଞ୍ଚଳିକ ସାଧନା କେନ୍ଦ୍ରରେ ୧୮ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପରିଚାଳନା କରିଥିଲେ।

### ନାବାଳିକାଙ୍କୁ ଅପହରଣ, ବିବାହ ଅଭିଯୋଗରେ ୨ ଗିରଫ

ସୋର, ୧୧।୧୦(ଜନ୍ମେଜୟ ମିଶ୍ର): ଗତ ୫ତାରିଖରେ ସୋର ମ୍ୟୁନିସିପାଲିଟିର ଛତ୍ରପୁର ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ଲିଙ୍ଗପଡା ଗ୍ରାମର ଜୀବନଜ୍ୟୋତି ବେହେରା(୧୯) ଅପହରଣ କରିନେଇଥିବା ନାବାଳିକାଙ୍କ ମା' ସୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୮୨୨/୨୫) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଜୀବନଜ୍ୟୋତି ଉକ୍ତ ନାବାଳିକାଙ୍କୁ ଅପହରଣ କରି ବିବାହ କରିଥିବା ଜାଣିପାରି ପୋଲିସ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଉଭୟଙ୍କର ବାହାଘର କରାଇଥିବା ତାଙ୍କ ଦାଦା ବିକ୍ରମ ବେହେରାଙ୍କୁ ପୋଲିସ ଗିରଫ କରି ଉଭୟଙ୍କୁ ଶନିବାର କୋର୍ଟଚାଲାଣ କରିଛି। ନାବାଳିକାଙ୍କ ବାହାଘର ହୋଇଥିବା ଖବରପାଇ ଚାଇଲ୍ଡଲାଇନ ସଦସ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତିରଞ୍ଜନ କର ସୋର ଥାନାରେ ପହଞ୍ଚି ନାବାଳିକାଙ୍କୁ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିବା ଜଣାପଡିଛି।

# 'ଅଲୋଡ଼ା ନୁହନ୍ତି କନ୍ୟା ସନ୍ତାନ'

## ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ବାଲେଶ୍ୱର, ୧୧।୧୦(ବାଞ୍ଛାନିଧି ଦେ)

ସମୟର ଗତିରେ ପରିବର୍ତ୍ତନ ହୁଏ ପ୍ରତିଟି କନ୍ୟା ସନ୍ତାନର ପରିଚୟ। କେବେ ସେ କନ୍ୟା, କେବେ ସେ ସ୍ତ୍ରୀ ପୁଣି କେବେ ସେ ମା'। ଘରେ ପୁଅଟିଏ ହେଲେ କୁହାଯାଏ କୁଳ ରକ୍ଷା କରିବ, ହେଲେ ଝିଅଟିଏ ହେଲେ କୁହାଯାଏ ଘରକୁ ଲକ୍ଷ୍ମୀ ଆସିଛି। କୁହାଯାଉଥିଲା ପୁଅ ଯାହା କରିପାରିବ, ଝିଅ ତାହା କରିବାକୁ ସମର୍ଥ ନୁହନ୍ତି। ଆଜି ଏହି ସ୍ୱର ପରିବର୍ତ୍ତନ ହୋଇଛି । ପ୍ରତିକ୍ଷେତ୍ରରେ ଝିଅମାନେ ପାରଦର୍ଶିତା ଦେଖାଇଛନ୍ତି। କନ୍ୟା ସନ୍ତାନ ଅଲୋଡା ନୁହନ୍ତି ବରଂ ରାଷ୍ଟ୍ର ଗଠନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଶନିବାର ଜିଲାପାଳଙ୍କ ଅଡିଟୋରିୟମ ହଲ୍‌ଠାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ସମାରୋହ ୨୦୨୫ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଜିଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ: ମଧୁସ୍ମିତା ସାମନ୍ତରାୟ, ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହୀର, ସୁରକ୍ଷା ଅଧିକାରୀ ଯୁଥିକା ରାୟ, ପ୍ରୋଗ୍ରାମ ଅଫିସର ସ୍ୱପ୍ନା ପ୍ରହରାଜ, ସହକାରୀ ଜିଲାପାଳ ଅସ୍ମିତା ଦାସ ଏବଂ ଡା. ପରେଶ ଚନ୍ଦ୍ର ନନ୍ଦୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି ସମାରୋହରେ ଅଧ୍ୟକ୍ଷତା କରି କନ୍ୟା ସନ୍ତାନର ଆବଶ୍ୟକତା, ଉପାଦେୟତା, ଦିବସ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କନ୍ୟା ସନ୍ତାନର ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ସଚେତନ କରାଯିବା ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ବ୍ୟବସ୍ଥା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଜିଲା ଅନ୍ତର୍ଗତ ବିଭିନ୍ନ ବ୍ଲକରୁ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, କିଶୋରୀ ଓ ବାଳିକା ଯୋଗ ଦେଇଥିଲେ। ଜିଲା ପ୍ରକଳ୍ପ ସଂଯୋଜକ ବାମଦେବ ପାଣଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ସମାରୋହରେ ମଞ୍ଚାସୀନ ଅତିଥିଗଣ।

# ଗହଣା ଦୋକାନୀଙ୍କ ସମେତ ୩ ଗିରଫ, ୪ ଫେରାର

## ୨ ବୋମା, ମାରଣାସ୍ତ୍ର ସମେତ ଅଳଙ୍କାର ଜବତ

ସିମୁଳିଆ, ୧୧।୧୦(ସନ୍ତୋଷ ନାୟକ)

ଚୋରି ଯୋଜନା କରୁଥିବା ବେଳେ ବାଲେଶ୍ୱର ଜିଲା ସିମୁଳିଆ ପୋଲିସ ଏକ ଚୋରଗ୍ୟାଙ୍ଗକୁ ଶୁକ୍ରବାର ବିଳମ୍ବିତ ରାତିରେ ଧରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ଦୁଇଟି ବୋମା ସମେତ ଖଣ୍ଡା, ଛୁରୀ, ଲୁହାରଡ ଆଦି ମାରଣାସ୍ତ୍ର, ଗୋଟିଏ ନୂଆ ମୋଟର ସାଇକେଲ(ନଂ. ଓଡି୦୧ବିସି୯୦୮୯) ସମେତ ପ୍ରାୟ ୯ଶହ ଗ୍ରାମର ରୁପା ଅଳଙ୍କାର ଆଦି ଜବତ କରିଛି । ଏହି ଗ୍ୟାଙ୍ଗରେ ଥିବା ୭ଜଣଙ୍କ ମଧ୍ୟରୁ ପୋଲିସ ୩ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ଚୋରମାନଙ୍କ ନିକଟରୁ ଚୋରି ଅଳଙ୍କାର ନେଉଥିବା ଅଭିଯୁକ୍ତ ଦୋକାନୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏ ସମ୍ପର୍କରେ ଶନିବାର ସନ୍ଧ୍ୟାରେ ସିମୁଳିଆ ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ଡିପିଓ ସୁଧାଂଶୁ ଶେଖର ନାୟକ ଓ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, ସବଇନ୍‌ସପେକ୍ଟର କ୍ଷୀରୋଦ କୁମାର ସାହୁ ଶୁକ୍ରବାର ରାତିରେ ସଦଳବଳେ ପାଟ୍ରୋଲିଂ କରୁଥିବା ବେଳେ ସୋର-ସିମୁଳିଆର ସୀମାନ୍ତ ଘାଷୁଆ ପୋଲ ନିକଟରେ ୭ଜଣ ବ୍ୟକ୍ତି ବସିଥିବା ଦେଖି ପଚରାଉଚରା କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୪ଜଣ ଦୌଡି ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କ୍ଷୀରକୋଣା ଅଞ୍ଚଳର ଚନ୍ଦନ ମଲିକ(୨୪), ତୁଷାର ମଲିକ(୧୯) ଓ ଖଗେନ୍ଦ୍ର ମଲିକ(୨୫)ଅଛନ୍ତି। ଅଭିଯୁକ୍ତମାନଙ୍କ ସୂଚନା ଅନୁସାରେ ଚୋରି ସାମଗ୍ରୀ କିଣୁଥିବା ସୋର ଥାନା ତୁଣ୍ଡପଡା ଅଞ୍ଚଳର ସବିର କୁମାର କାମିଲା(୪୬)ଙ୍କୁ ମଧ୍ୟ ପୋଲିସ ଗିରଫ କରିବା ସହିତ ଅନନ୍ତପୁର ଅଞ୍ଚଳରେ ଥିବା ତାଙ୍କ ଗହଣା ଦୋକାନରୁ ବିଭିନ୍ନ ଅଳଙ୍କାର ସାମଗ୍ରୀ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଅଭିଯୋଗ ରହିଥିବା ବେଳେ ସୋର ଥାନାରେ ୯ଟି , ସିମୁଳିଆ ଥାନାରେ ୫ଟି ଓ ବାସୁଦେବପୁର ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ପୋଲିସ ମାମଲା (ନଂ. ୪୭୨/୨୫) ରୁଜୁ କରି ତଦନ୍ତ ଚଳାଇଛି।



ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ, ଏସ୍‌ଡିପିଓଙ୍କ ସମେତ ଜବତ ସାମଗ୍ରୀ।

# ଜୈବିକ ପଦ୍ଧତିରେ ଡାଲି ଜାତୀୟ ଫସଲକୁ ଦ୍ୱିଗୁଣିତ କରିବାକୁ ପରାମର୍ଶ

## ଲୋକାର୍ପିତ ହେଲା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରତା ମିଶନ



ସମାରୋହରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର, ୧୧।୧୦(ବାଞ୍ଛାନିଧି ଦେ)

କୃଷି ଓ କୃଷକଙ୍କ ଉନ୍ନତି ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଆଭାସୀ ମାଧ୍ୟମରେ ନୂଆଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଓ ଡାଲି ଜାତୀୟ ଫସଲର ଆତ୍ମନିର୍ଭରତା ମିଶନ ଅଭିଯାନକୁ ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଓ କୃଷକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ଓ ସଶକ୍ତ ରାଷ୍ଟ୍ର ଭାବେ ପରିଗଣିତ ହେବ ବୋଲି ବକ୍ତବ୍ୟରେ କହିଥିଲେ। କୃଷିକ୍ଷେତ୍ରରେ ଜୈବିକ ପଦ୍ଧତିରେ ଉନ୍ନମାନର ଡାଲି ଜାତୀୟ ଫସଲକୁ ଦ୍ୱିଗୁଣିତ କରିବା ପାଇଁ ଏମ୍‌ପି ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ , ଅତିରିକ୍ତ ଜିଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ ପ୍ରମୁଖ ମଞ୍ଚାସୀନ ହୋଇ କୃଷକମାନେ ସଶକ୍ତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ବୋଲି କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଚାଷୀ ଭଉଣୀ ଭାଇ, ସମସ୍ତ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବାଣ ବିସ୍ଫୋରଣରେ ମା' ପୁଅ ଗୁରୁତର

ଜଳେଶ୍ୱର, ୧୧।୧୦(ନବୀନ ସାହୁ): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମରେ ମଶା ଧୂପରୁ ନିଆଁ ପଡି ବାଣ ବିସ୍ଫୋରଣ ହୋଇ ଜଣେ ମହିଳା ଓ ତାଙ୍କ ୭ବର୍ଷର ପୁଅ ଗୁରୁତର ହୋଇଛନ୍ତି। ଗ୍ରାମବାସୀ ମା' ପୁଅଙ୍କୁ ଉଦ୍ଧାର କରି ପ୍ରଥମେ ଜଳେଶ୍ୱର ଜିକେଭଙ୍ଗର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ରାତି ୨ଟା ବେଳେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା ଏବଂ ଥାନା ଏଏସ୍‌ଆଇ ଭଗବାନ ଦାସ ଘଟଣାର ତଦନ୍ତ କରିଛନ୍ତି।

ଶୁକ୍ରବାର ରାତି ୧୦ଟା ବେଳେ ଆଶିଷ ଦତ୍ତଙ୍କ ସ୍ତ୍ରୀ ସୁନୀତା (୨୯) ବାଣ ତିଆରି କରୁଥିବା ବେଳେ ତାଙ୍କର ୭ବର୍ଷର ପୁଅ ଅନୁରାଗ ଅସାବଧାନତା ହେତୁ ମଶା ଧୂପ ଜଳାଇ ଦେଇଥିଲେ। ଧୂପ ନିଆଁ ବାଣରେ ପଡିବାରୁ ବିସ୍ଫୋରଣ ହୋଇଥିଲା। ଫଳରେ ମା' ଓ ପୁଅ ଗୁରୁତର ହୋଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଏକ ମାମଲା(ନଂ. ୪୫୧/୨୫) ରୁଜୁ ହୋଇଛି।

# ବାଉଁଶଗଡ଼ିଆ ପାନୀୟଜଳ ପ୍ରକଳ୍ପ ପରିଦର୍ଶନ କଲେ ବିଧାୟକ

ଖଇରା, ୧୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକର ଶାରୀଶୁଆ ପାହାଡ ପାଦଦେଶରେ ଥିବା କୁପାରୀ ଜୋନର ୭ ପଞ୍ଚାୟତକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ୨୦୨୩ ରେ ଆରମ୍ଭ ହୋଇଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଶନିବାର ଜଳ ଓ ପରିମଳ ବିଭାଗର ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପ୍ରଥମେ ବିଧାୟକ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ବିଚିତ୍ର ପାତ୍ର, ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସମୀର ଦେ, ସହକାରୀ ଯନ୍ତ୍ରୀ ଓ କାର୍ଯ୍ୟର ଦାୟିତ୍ୱ ନେଇଥିବା ନାଗାର୍ଜୁନ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପାନୀୟ ଜଳ ଓ ପରିମଳ ବିଭାଗ, ଠିକାଦାର କମ୍ପାନୀର ଅଧିକାରୀ, ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣଙ୍କ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ପ୍ରକଳ୍ପ ଉଦଘାଟନ କରାଯିବାର ଯୋଜନା ରହିଥିବାରୁ ଯଥାଶୀଘ୍ର ସମାଧାନ ପାଇଁ ବିଧାୟକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ରବିବାର ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଗସ୍ତ ପରେ ଶନିବାର ବିଧାୟକଙ୍କ ପରିଦର୍ଶନକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି।

# ସ୍ୱାଭିମାନ ମଞ୍ଚର ୨୭ ଦିନର ଗଣଧାରଣା ସ୍ଥଗିତ

**ଏନଏସି ଘୋଷଣା ସମ୍ପର୍କରେ ଦିଲ୍ଲୀରୁ ଆସିଲା ମନ୍ତ୍ରୀଙ୍କ ଫୋନକଲ୍**

ଖଇରା, ୧୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ସହର ଏନଏସି ତାଲିକାରୁ ବାଦ୍ ପଡିବା ପରେ ଖଇରାର ସମସ୍ତ ସଙ୍ଗଠନ ସ୍ୱାଭିମାନ ମଞ୍ଚ ବ୍ୟାନରରେ ସେପ୍ଟେମ୍ବର ୧୫ ତାରିଖରୁ ଗଣଧାରଣାରେ ବସି ରହିଥିଲେ। ଶନିବାର ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଫୋନ ମାଧ୍ୟମରେ ଖଇରାକୁ କିଭଳି ଏନଏସି ତାଲିକାରେ ସାମିଲ କରାଯିବ ସେକଥା ସେ ବୁଝିବେ ବୋଲି ମଞ୍ଚକୁ ପ୍ରତିଶ୍ରୁତି ଦେବା ଏବଂ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଧାରଣାସ୍ଥଳକୁ ଆସି ଏ ସମ୍ପର୍କରେ ଆଲୋଚନା କରିବା ପରେ ଗଣଧାରଣା ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ଖବରଦାତାମାନେ ଅତିରିକ୍ତ ଜିଲାପାଳଙ୍କ ମତାମତ ନେବାରେ ଏନଏସି ମାନଦଣ୍ଡ ଆଧାରରେ ଆଉ ଥରେ କାଗଜପତ୍ର ପ୍ରସ୍ତୁତ କରି ପଠାଇବା ପାଇଁ ନିର୍ଦ୍ଦେଶ ଆସିଛି । ଖଇରାରେ ମେଡିକାଲ, କୋର୍ଟ, ତହସିଲ ରହିବା ସହ ଏନଏସି ପାଇଁ ସବୁପ୍ରକାର ଭିତ୍ତିଭୂମି ରହିଛି । ଯଥାଶୀଘ୍ର ଖଇରାକୁ ଏନଏସି ମାନ୍ୟତା ପ୍ରଦାନ କରାଯିବ ବୋଲି କହିଛନ୍ତି । ପୂର୍ବରୁ ବିଜେଡି ସରକାର ସମୟରେ ୫୭ଟି ସହରକୁ ଏନଏସି ଭାବେ ଘୋଷଣା କରାଯାଇଥିବା ବେଳେ ଏଥିରେ ଖଇରାର ନାମ ମଧ୍ୟ ଥିଲା। ହେଲେ ନୂତନ ଭାବେ ଭାଜପା ସରକାର ଏହି ଘୋଷଣାନାମାକୁ ରଦ୍ଦ କରିବା ସହ ନୂତନ ଭାବେ ୩ ପର୍ଯ୍ୟାୟରେ ୩୦ ସହରକୁ ଏନଏସି ଘୋଷଣା କରାଯାଇଥିବା ବେଳେ ଏଥିରୁ ଖଇରା ବାଦ୍ ପଡିଥିଲା। ପ୍ରତିବାଦରେ ସ୍ୱାଭିମାନ ସଦସ୍ୟମାନେ ଖଇରାକୁ ଏନଏସି ଘୋଷଣା ଦାବିରେ ଧାରଣାରେ ବସି ରହିଥିଲେ। ଆଲୋଚନାରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ ଉପସ୍ଥିତ ଥିଲେ।




ଅତିରିକ୍ତ ଜିଲାପାଳଙ୍କ ସହ ସ୍ୱାଭିମାନ ମଞ୍ଚର ସଦସ୍ୟଗଣ।

# ବିଲ ମଝିରୁ ଦନ୍ତାହାତୀର ମୃତଦେହ ଠାବ

ନୀଳଗିରି, ୧୧।୧୦(ପ୍ରଶାନ୍ତ କୁମାର ବିଶ୍ୱାଳ): ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ଗୋଟିଏ ପରେ ଗୋଟିଏ ହାତୀର ମୃତ୍ୟୁ ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି। କିଛି ମାସର ବ୍ୟବଧାନ ପରେ ପୁଣି ଏକ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ହାତୀର ବୟସ ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ଅନୁମାନ କରୁଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ିନାହିଁ । ପଞ୍ଚଲିଙ୍ଗେଶ୍ୱର ସେକ୍ସନ ତେଣ୍ଡା ଫରେଷ୍ଟ ବିଟ୍ ଅଧୀନ ଗରଡି ପଞ୍ଚାୟତ ଆମ୍ବଝର ନିକଟସ୍ଥ ଏକ ବିଲରେ ଦନ୍ତା ମରିପଡିଥିବା ବନ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଶୁକ୍ରବାର ରାତିରେ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଥିବା ବେଳେ ଶନିବାର ଖବରପାଇ ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ ତଟିନୀ ସେଠୀ, କୁଲଡିହା ରେଞ୍ଜର ସୁବ୍ରତ କୁମାର ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷିକେଶ ପ୍ରଧାନ, ପ୍ରାଣୀ ଚିକିତ୍ସକ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିଥିଲେ। ଅପରାହ୍ନରେ ମୃତ୍ୟୁର କାରଣ ଖୋଜିବା ଉଦ୍ଦେଶ୍ୟରେ ବନବିଭାଗର ଏକ ଉଚ୍ଚସ୍ତରୀୟ କମିଟି ଆସିଥିଲା। ପରେ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ।

# 'ବାଲିଆପାଳର ବିନ୍ଧାଣି ଥିଲେ ଜୟନାରାୟଣ'

କାଳିପଦା, ୧୧।୧୦(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳରେ ଜୟନାରାୟଣ ମହାନ୍ତି ସ୍ମୃତି ପରିଷଦ ପକ୍ଷରୁ ଜନନେତା ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ୭୫ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ ଛକସ୍ଥିତ ଇନ୍ଦିରା ଶିଶୁ ଉଦ୍ୟାନରେ ଥିବା ଜୟନାରାୟଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ପ୍ରତିମୂର୍ତ୍ତି ପାଖରେ କେକ୍ କଟାଯାଇଥିଲା। ଏହି ଅବସରରେ ବ୍ଲକ ଛକଠାରେ ଲଡ୍ଡୁ ଓ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ବାଲ୍ୟବନ୍ଧୁ ମୂରଲୀମୋହନ ସାହୁ, ମଧୁସୂଦନ ବାରିକ, ବ୍ରଜମୋହନ ଭୂୟାଁ, ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ଜୟନାରାୟଣ ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ଦୁଇ ଥର ବିଧାୟକ ରହି ନୂତନ ବାଲିଆପାଳ ଗଠନର ଚିନ୍ତାଧାରା ସହିତ ବାଲିଆପାଳକୁ ବିକଶିତ ଅଞ୍ଚଳରେ ପରିଣତ କରିବା ସ୍ୱପ୍ନ ଥିଲା। ତାଙ୍କ ସମୟରେ ବାଲିଆପାଳରୁ ଜଳେଶ୍ୱରକୁ ସଂଯୋଗ ପାଇଁ ସୁବର୍ଣ୍ଣରେଖା ନଦୀ ଉପରେ ପୋଲ ନିର୍ମାଣ, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ଇଡକଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଟଗରା ବେଳାଭୂମିର ବିକାଶରେ ତାଙ୍କର ଅବଦାନ ଅତୁଳନୀୟ। ସେହିପରି ଦକ୍ଷିଣ ବାଲିଆପାଳ ଅଞ୍ଚଳକୁ ଗମନାଗମନ ପାଇଁ ରାସ୍ତା, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସମ୍ଭବ ହୋଇଥିଲା। ଆଜିର ଯୁବସମାଜ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପୁଅ ସତ୍ୟକାମ, ଦିବ୍ୟକାମଙ୍କ ସମେତ ଦେବକୁମାର ଦେ, ରବିନାରାୟଣ ମହାନ୍ତି, ଶୁଭେନ୍ଦୁ ଦାସ, ନୃସିଂହ ବିଶ୍ୱାଳ, ସୁଶାନ୍ତ ନାୟକ, ପଦ୍ମଲୋଚନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ

## ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ଜାଲିଆତି

ବାଲେଶ୍ୱର, ୧୧।୧୦(ବାଞ୍ଛାନିଧି ଦେ)

ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଜାଲିଆତି ବିରୋଧରେ ବାଲେଶ୍ୱର ଜିଲା ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆୟୋଜିତ 'ଯୁବ-ଛାତ୍ର ନ୍ୟାୟ ଆନ୍ଦୋଳନ' ପରିପ୍ରେକ୍ଷୀରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସିନେମା ଛକସ୍ଥିତ ଶହୀଦ ପାର୍କରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବା ପରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଫକୀରମୋହନ କଲେଜ ଛକରେ ପହଞ୍ଚିଥିଲା। ଜିଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଯୋଗଦେଇ ଯୁବଛାତ୍ର ସମାଜ ଚୁପ୍ ବସିବ ନାହିଁ। ଭବିଷ୍ୟତକୁ ନେଇ ଭାଜପା ସରକାର କରୁଥିବା ରାଜନୀତିର ଅନ୍ତ ହେବ। ପରୀକ୍ଷା ବାତିଲ ଏବଂ କେଳେଙ୍କାରୀର ପର୍ଦ୍ଦାଫାଶ ହେବ ବୋଲି କହିଥିଲେ। ବିଜୁ ଛାତ୍ର ଜନତା ଦଳର ସଭାପତି ଈପ୍ସିତା ସାହୁ ଯୋଗଦେଇ ସିବିଆଇ ତଦନ୍ତ, ଓପିଆରବି ଚେୟାରମ୍ୟାନ ଗିରଫ ଯେ ପର୍ଯ୍ୟନ୍ତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି କହିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ ଓ ସୁଧାଂଶୁ ଶେଖର ପରିଡା, ରେମୁଣା ଏନଏସି ଅଧ୍ୟକ୍ଷା ତନୁଜା ଗିରି, ବାଲେଶ୍ୱର ମ୍ୟୁନିସିପାଲିଟି ଉପାଧ୍ୟକ୍ଷ କୈଳାସ ସେଠୀ, ବରିଷ୍ଠ ନେତା ରଞ୍ଜନ ବାଗ, ପୂର୍ବତନ ଭାଇସ ଚେୟାରମ୍ୟାନ ମନୋଜ ରାଉତ, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ଭରତ ଭୂଷଣ ଦାସ, ଧୀରେନ ନାୟକ, ସେକ ଅନସର, ଉମାଶଙ୍କର ତିଆଡି, ସେକ ଆୟୁବ, ଛାତ୍ରନେତା ବିଭୁଦତ୍ତ ପରିଡାଙ୍କ ସମେତ ବହୁ କାଉନସିଲର, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା।




ଶୋଭାଯାତ୍ରାରେ ବିକ୍ଷୋଭ ପ୍ରଦର୍ଶନ।

**ରାଜପଥରୁ ଅଚିହ୍ନା ଯୁବକଙ୍କ ମୃତଦେହ ଜବତ**

ଭଣ୍ଡାରିପୋଖରୀ,(ରାଜେନ୍ଦ୍ର ଶତପଥୀ): ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଡାହାଲା ନିକଟରୁ ଶନିବାର ସକାଳେ ରାଜପଥ ଆମ୍ବୁଲାନ୍ସ ଏକ ଅଜଣା ଯୁବକଙ୍କ ମୃତଦେହ ପାଇଛି। ଆନୁମାନିକ ୩୫ ବର୍ଷୀୟ ଯୁବକଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଆମ୍ବୁଲାନ୍ସ ଚାଳକ ସଙ୍କଟ ମୋଚନ ପାତ୍ରଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୪୬୬/୨୫) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଥିଲା।



# ଶ୍ରୀହୀନ ଐତିହ୍ୟସମ୍ପନ୍ନ ପାଟଣମଙ୍ଗଳା ପୋଖରୀ

ତିହିଡ଼ି,୧୧।୧୦(ସଞ୍ଜିତ ବଳ)



ପାଟଣମଙ୍ଗଳା ପୋଖରୀ ଦଳ, ଘାସରେ ଭର୍ତ୍ତି ହୋଇଛି।

ତିହିଡ଼ି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତର ଛତ୍ରପଦା ଗ୍ରାମରେ ଥିବା ଐତିହ୍ୟସମ୍ପନ୍ନ ପାଟଣମଙ୍ଗଳା ପୋଖରୀ ଏବେ ଶ୍ରୀହୀନ ହୋଇପଡ଼ିଛି। ରାଜ୍ୟର ଅନ୍ୟତମ ବୃହତ୍ ପୋଖରୀ ଏବେ ଦଳ, ଘାସରେ ପରିପୂର୍ଣ୍ଣ ହୋଇଛି। ଓଡ଼ିଶା ମାନଚିତ୍ରରେ ମା' ପାଟଣମଙ୍ଗଳା ପୀଠର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ଗୁରୁତ୍ୱକୁ ଦ୍ୱିଗୁଣିତ କରିଛି ମନ୍ଦିର ପାର୍ଶ୍ୱରେ ୭ ଏକରରୁ ଊର୍ଦ୍ଧ୍ୱ ଆୟତନର ଏହି ପୋଖରୀ। ଏହି ପୋଖରୀର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ବିଭିନ୍ନ ସମୟରେ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। ତେବେ ୨ବର୍ଷ ପୂର୍ବେ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ୧ କୋଟି ଟଙ୍କା ଅନୁଦାନ ମିଳିଥିଲେ ମଧ ପୋଖରୀ ସଂସ୍କାର ହୋଇ ନ ପାରିବା ଦୁର୍ଭାଗ୍ୟର ବିଷୟ ହୋଇଛି।

ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ଗଦି ବଜାରଠାରୁ ଘଣ୍ଟେଶ୍ୱର ରାସ୍ତାର ସୁନେଇପୋଖରୀ ଛକରୁ ୧ କି.ମି. ଯିବା ପରେ ପଡ଼େ ମା' ପାଟଣମଙ୍ଗଳାଙ୍କ ପୀଠ। କନିକା ରାଜା ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ତେବେ ମନ୍ଦିର ନିର୍ମାଣ ପୂର୍ବରୁ ଧନୀ ସୌଦାଗର ପୋଖରୀ ଖୋଳାଇଥିଲେ ବୋଲି ଜନମୁଖରେ ରହିଛି। ପରେ ତାହା ପାଟଣମଙ୍ଗଳା ପୋଖରୀ ନାଁରେ ନାମିତ ହୋଇଥିଲା। ପାଟଣମଙ୍ଗଳା ପୀଠରେ ଯେଉଁସବୁ ପର୍ବ ପାଳିତ ହୁଏ, ତନ୍ମଧ୍ୟରୁ ପଣା ସଂକ୍ରାନ୍ତିରେ ପାଟୁଆ ନାଚ ବେଶ୍ ଆଡ଼ମ୍ବରପୂର୍ଣ୍ଣ ହୋଇଥାଏ। ୭ ଦିନିଆ ଏହି ପର୍ବରେ ଜିଲା ଓ ଜିଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ପର୍ବରେ ୫ହଜାର ପାଟୁଆ ପାଟଣମଙ୍ଗଳା

- ଦଳ ଓ ଘାସରେ ପରିପୂର୍ଣ୍ଣ
- ନାମକୁ ମାତ୍ର ପର୍ଯ୍ୟଟନ ସ୍ଥଳୀ ମାନ୍ୟତା
- ହୋଇପାରିନି ପାରିପାର୍ଶ୍ୱିକ ଉନ୍ନତି

ପୋଖରୀରେ ବୁଡ଼ ପକାଇବା ସବୁଠୁ ଆକର୍ଷଣୀୟ ପାଳଟିଥାଏ। ସେହି ପାଟୁଆମାନେ ସଂକ୍ରାନ୍ତି ପୂର୍ବ ଦିନ ରାତିସାରା ମା'ଙ୍କ ନିକଟରେ ଦୀପ ଜାଳି ଉଜାଗର ରହିଥାନ୍ତି। ପରଦିନ ସେମାନେ ପୋଖରୀରେ ବୁଡ଼ ପକାଇବା ପରେ ନୃତ୍ୟ କରିଥାନ୍ତି। ହେଲେ ପୋଖରୀ ଦଳ, ଘାସରେ ପରିପୂର୍ଣ୍ଣ ହୋଇଥିବାରୁ ଗତ ପଣା ସଂକ୍ରାନ୍ତି ସମୟରେ ପାଟୁଆମାନଙ୍କୁ ଗ୍ରାମସ୍ଥିତ ଅନ୍ୟ ଏକ ପୋଖରୀରେ ବୁଡ଼ ପକାଇବାକୁ ପଡ଼ିଥିଲା। ପୂର୍ବରୁ ଏହି ପୋଖରୀର ପାଣିକୁ ଲୋକେ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ଏପରିକି ଆଖପାଖ ଅଞ୍ଚଳର ଲୋକେ ଶଗଡ଼ ଗାଡ଼ିରେ ଅଥବା ଭାର ସହାୟତାରେ ପାଣି ପିଇବା ପାଇଁ ନେଉଥିଲେ। ଏହି ପୀଠ ନାମକୁ ମାତ୍ର ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଛି, ଏହାର ପାରିପାର୍ଶ୍ୱିକ ଉନ୍ନତି ହୋଇପାରି ନାହିଁ ବୋଲି କୁହାଯାଉଛି। ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇବାକୁ ୫ବର୍ଷ ପୂରିଗଲାଣି। ୨୦୨୩ରେ ଏହାର ଉନ୍ନତି ପାଇଁ ୧ କୋଟି ଟଙ୍କାର ଅନୁଦାନ ମିଳିଥିଲା। ଏହି ଅର୍ଥରେ ପୋଖରୀ ଆଡ଼ିର ମାତ୍ର ଅଳ୍ପ କିଛି ସ୍ଥାନରେ ପାହାଚ ନିର୍ମାଣ କରାଯାଇଛି। ମାତ୍ର ମନ୍ଦିର ଅଥବା ଏହାର ପାରିପାର୍ଶ୍ୱରେ ସେମିତି ଉନ୍ନତି ଘଟିପାରି ନ ଥିବା ଅଭିଯୋଗ ହୋଇଆସୁଛି। ପୋଖରୀର ସଂସ୍କାର କରା ନ ଯାଇ ପାହାଚ ନିର୍ମାଣ କରାଯିବା ସମିଚୀନ ନୁହେଁ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଐତିହାସିକ ପାଟଣମଙ୍ଗଳା ପୋଖରୀର ସଂସ୍କାର କରାଯାଇ ପ୍ରାଚୀନ ସଂସ୍କୃତିର ସୁରକ୍ଷା କରାଯିବାକୁ ଛତ୍ରପଦା ଗ୍ରାମର ବଂଶୀଧର ଭୋଇ, ସୁଧାଂଶୁ ନାୟକ, ଅର୍ଜ୍ଜୁନ ବିଶ୍ୱାଳ, ଶୀତଳ ବେହେରା, ମହେନ୍ଦ୍ର ପଣ୍ଡା, ଅମୂଲ୍ୟ ବାରିକ, ସତ୍ୟାନନ୍ଦ ଧଳ, ତାରିଣୀ ଲେଙ୍କା, ରମାକାନ୍ତ ଲେଙ୍କା, ରତ୍ନାକର ନାୟକ, ଜୟନ୍ତ ପଣ୍ଡା ପ୍ରମୁଖ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ କହିଛନ୍ତି, ପାଟଣମଙ୍ଗଳା ପୋଖରୀ ଦଳ, ଘାସରେ ପରିପୂର୍ଣ୍ଣ ହେବା ସମ୍ପର୍କରେ ସେ ଅବଗତ ଅଛନ୍ତି। ସ୍ଥାନୀୟ ଅଧିବାସୀ ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ପୋଖରୀ ସଂସ୍କାର ଦିଗରେ ପଦକ୍ଷେପ ନିଆଯିବ।

# ଯବାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ଶରତପୁର ଗ୍ରାମର ଦିବଂଗତ ଯବାନ ବସନ୍ତ କୁମାର ଦଳେଇଙ୍କ ଶ୍ରାଦ୍ଧବାର୍ଷିକୀରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥି।

ବାସୁଦେବପୁର,୧୧।୧୦ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ଶରତପୁର ଗ୍ରାମର ଦିବଂଗତ ଯବାନ ବସନ୍ତ କୁମାର ଦଳେଇଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ବାସଭବନରେ ସ୍ମୃତିସଭା ସହ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ସଭାରେ ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବରିଷ୍ଠ ଭାଜପା ନେତା ଅଜୟ ନାୟକ, ପ୍ରତାପ ନାୟକ, ଭାଜପାର ନିର୍ବାଚନ ମଣ୍ଡଳୀ ନେତା ବାଣୀକଲ୍ୟାଣ ମହାନ୍ତି, ଉମାକାନ୍ତ ଖୁଣ୍ଟିଆ, ମଧୁସୂଦନ ପାଢ଼ୀ, ଅଶୋକ ସାହୁ, ଅସିତ୍ ଦାସ, ଗୁରୁପ୍ରସାଦ ମହାନ୍ତି, ମନୋଜ ରାଉତ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ରାଜାକୁମାର ନାୟକ, ଭଗବାନ ମହାନ୍ତି, ପ୍ରଭାତ ବାରିକ୍, ଶଶୀଭୂଷଣ ବଳ, ସୁବାସ ପ୍ରଧାନ, ରମେଶ ଚନ୍ଦ୍ର ବଳ, ସନ୍ତୋଷ ମହାରଣା, ପୂର୍ବତନ କାଉନସିଲର ସୁରେଶ ମହାନ୍ତି, ଭାଗୀରଥି ନାୟକ, ଉଦୟ ଜେନା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦଳେଇଙ୍କ ବୀରତ୍ୱ ବିଷୟରେ ସ୍ମୃତିଚାରଣ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ କୁଶଦେବ ମଲିକ। ସ୍ୱର୍ଗତ ଦଳେଇଙ୍କ ଦୁଇପୁଅ ରତିକାନ୍ତ ଓ ରଞ୍ଜନ ସ୍ମୃତିଚାରଣ କରିଥିଲେ।

# ନାଳରୁ ମିଳିଲା ନବଜାତକ ମୃତଦେହ

ଭଦ୍ରକ,୧୧।୧୦(ସନାତନ ରାଉତ)

ଭଦ୍ରକ ସହରର ବାଇପାସ୍ ଛପୁଲିଆ ପୋଲ ନିକଟ ନାଳରୁ ଏକ ନବଜାତକର ମୃତଦେହ ଶନିବାର ମିଳିଛି। ସକାଳେ ସେଠାରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଟାଉନ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୫୯/୨୫) ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି। ତେବେ କିଏ ଓ କାହିଁକି ନବଜାତକଙ୍କୁ ନାଳରେ ଫିଙ୍ଗି ଦେଇଛନ୍ତି, ସେନେଇ ଲୋକଙ୍କ ମଧରେ ବିଭିନ୍ନ ଚର୍ଚ୍ଚା ହେଉଛି।

# ସାଧନକେନ୍ଦ୍ରସ୍ତରୀୟ 'ସୁରଭି' ମହୋତ୍ସବ

ଭଣ୍ଡାରିପୋଖରୀ,୧୧।୧୦(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଶୁକ୍ରବାର ବରାହନୂଆପଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ନନ୍ଦଙ୍କ ଅଧକ୍ଷତା ଓ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ମଣିନାଥପୁର ଏନ୍‌କେପି ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ସମୀର କୁମାର ଚୌଧୁରୀ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟା ମାମିଲତା ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, ଚିନ୍ତାମଣି ନାୟକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନବକିଶୋର ପରିଡ଼ା, ଶିକ୍ଷକ ରଞ୍ଜନ କୁମାର ମଲ୍ଲିକ ଓ ଖବରଦାତା ବିଶ୍ୱମ୍ଭର ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ 'ସୁରଭି' ମହୋତ୍ସବ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ସୂର୍ଯ୍ୟକାନ୍ତ ବରାଳ ଅତିଥି ପରିଚୟ ଓ ଶିକ୍ଷକ ପ୍ରମୋଦ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଶରତ ଥାଟୋଇ ସଭା ସଞ୍ଚାଳନ କରିଥିଲେ। ଚିତ୍ରାଙ୍କନ, ସୃଜନଶୀଳ ଲେଖା, କୁଇଜ୍, ବକ୍ତୃତା, ସଙ୍ଗୀତ, ରଚନା ଲିଖନ, ସୁନ୍ଦର ହସ୍ତାକ୍ଷର, ହସ୍ତକଳା, ଗଳ୍ପ କଥନ, ଗଣିତ କୁଇଜ୍ ଆଦି ପ୍ରତିଯୋଗିତାରେ ୧୦ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅକ୍ଷୟ କୁମାର ଜେନା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଆୟୋଜକ ବିଦ୍ୟାଳୟ ପରିଚାଳନା କମିଟିସଭାପତି ତୁଳସୀ ଦଳାଇ, ସଦସ୍ୟ ଅଶୋକ ଦଳାଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ନଦାତା ସମ୍ମାନ, ସମୃଦ୍ଧ ରାଷ୍ଟ୍ର ନିର୍ମାଣ କାର୍ଯ୍ୟକ୍ରମ




ସିଧାପ୍ରସାରଣ କାର୍ଯ୍ୟକ୍ରମରେ ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟ ଅଧିକାରୀମାନେ।

ଭଦ୍ରକ,୧୧।୧୦(ସନାତନ ରାଉତ/ ରବିନାରାୟଣ ଖିଲାର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ କୃଷି ବିଜ୍ଞାନକେନ୍ଦ୍ର ପରିସରରେ ଉଦ୍‌ଘାଟିତ ହୋଇଥିବା ଅନ୍ନଦାତାଙ୍କ ସମ୍ମାନ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ କାର୍ଯ୍ୟକ୍ରମର ସିଧାପ୍ରସାରଣ ଶନିବାର ଭଦ୍ରକ ରାଣୀତାଲସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପ୍ରଦର୍ଶିତ ହୋଇଛି। ୪ଶହରୁ ଊର୍ଦ୍ଧ୍ୱ ଚାଷୀ ଓ ୫୦ରୁ ଅଧିକ ବିଭିନ୍ନ ସଂସ୍ଥାର ଅଧିକାରୀ ସିଧାପ୍ରସାରଣ ଦେଖିଥିଲେ। ଏମ୍‌ପି ଅଭିମନ୍ୟୁ ସେଠୀ, ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ରବିନାରାୟଣ ସାହୁ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଭଗବାନ ପଣ୍ଡା, ଆଞ୍ଚଳିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ବିଶ୍ୱରଞ୍ଜନ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭଦ୍ରକ-ଆରଡ଼ି ରାସ୍ତାର ଦୋହରୀକରଣ ଦାବି

ଧୁଷୁରୀ, ୧୧।୧୦ (ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥର ଦୋହରୀକରଣ ପାଇଁ ଦାବି ହୋଇଛି। ରାଜପଥର ଦୁରାବସ୍ଥା ଓ ଅନୁଦାନ ଅର୍ଥ ଆତ୍ମସାତ୍ ନେଇ ଶନିବାର ଅପରାହ୍ନ ୫ଟାରେ ଧୁଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଞ୍ଚଳର ବୁଦ୍ଧିଜୀବୀମାନେ ଏହି ଦାବି କରିଛନ୍ତି। ଭଦ୍ରକ-ଆରଡ଼ି ରାସ୍ତାର ଦୋହରୀକରଣ ପାଇଁ ସରକାର ୧୦୦ କୋଟି ଟଙ୍କା ମଞ୍ଜୁର କରିବା, ମଞ୍ଜୁର ଅର୍ଥରାଶିରୁ ରାଜ୍ୟ ଓ କେନ୍ଦ୍ର ଜିଏସ୍‌ଟି, କଣ୍ଟିଜେନ୍ସି, କ୍ୱାଲିଟି କଣ୍ଟ୍ରୋଲ ବାବଦକୁ ବାଦ୍ ଦିଆ ନ ଯିବା, ଆଖଣ୍ଡଳମଣି ଛକଠାରୁ ୧୬ନଂ. ଜାତୀୟ ରାଜପଥର କୋରକରା ପର୍ଯ୍ୟନ୍ତ କୋଠାଗୁଡ଼ିକୁ ଭଙ୍ଗା ନ ଯିବା, ଗେଲପୁରରେ ଥିବା ଜିଲା ଚିକିତ୍ସାଳୟଠାରୁ ଆରଡ଼ି ପର୍ଯ୍ୟନ୍ତ ଦୁଇଚକିଆ ରାସ୍ତା, ଉକ୍ତ ରାସ୍ତା ଦୋହରୀକରଣ କରାଯାଇ ମଝିରେ ବିଭାଜକ ନିର୍ମାଣ କରି ଉକ୍ତ ସ୍ଥାନରେ ଚାରାରୋପଣ, ଭଦ୍ରକରୁ ଆରଡ଼ି ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ ଆଦି ଦାବି କରାଯାଇଛି। ଦାବିଗୁଡ଼ିକୁ ରାଜ୍ୟ ସରକାର ଅବିଳମ୍ବେ ପୂରଣ ନ କଲେ ଆଗାମୀ ଦିନରେ ରାସ୍ତାରୋକୋ ସହ ଆନ୍ଦୋଳନ କରାଯିବ।

ଆୟୋଜକ ବରିଷ୍ଠ ଅଧିବକ୍ତା ଶଶିଭୂଷଣ ପଣ୍ଡା, ରମେଶ ଚନ୍ଦ୍ର ବେହେରା, ଆଲୋକ କୁମାର ସ୍ୱାଇଁ, ସତ୍ୟମୂର୍ତ୍ତି ବେହେରା, ଶରତ କୁମାର ସୂତାର, ବିଜୟାନନ୍ଦ ମହାନ୍ତି, ରତ୍ନାକର ବେହୁରିଆ, ଚନ୍ଦ୍ରମଣି ପଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଦାବିପତ୍ର ଭଦ୍ରକ ଜିଲାପାଳ, ପୂର୍ତ୍ତ ବିଭାଗ ମନ୍ତ୍ରୀ ଓ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଦାନ କରାଯିବ ବୋଲି ଆବାହକ ପଣ୍ଡା କହିଛନ୍ତି।




ଖବରଦାତା ସମ୍ମିଳନୀରେ ଅଧିବକ୍ତା ଶଶିଭୂଷଣ ପଣ୍ଡାଙ୍କ ସହ ଧୁଷୁରୀ ଅଞ୍ଚଳର ବୁଦ୍ଧିଜୀବୀ।

# ଓଡ଼ିଶା କୃଷକ ସଭାର ବ୍ଲକ ସମ୍ମିଳନୀ

ଚାନ୍ଦବାଲି,୧୧।୧୦(ଅଶୋକ ପଣ୍ଡା)

ଓଡ଼ିଶା କୃଷକ ସଭା ପକ୍ଷରୁ ଶନିବାର ପୂର୍ବାହ୍ନରେ ଚାନ୍ଦବାଲି ବ୍ଲକର ମତୋଠାରେ ୧୩ତମ ବ୍ଲକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବ୍ଲକର ସମସ୍ତ ଚାଷଜମିକୁ ଜଳସେଚନ, ବନ୍ୟା, ବାତ୍ୟା, ମରୁଡ଼ିର ସ୍ଥାୟୀ ପ୍ରତିକାର, ସାର, କୀଟନାଶକ ଔଷଧ ରିହାତି ଦରରେ ଯୋଗାଇବା, କୃଷି ଋଣ ଓ ମହାଜନ ଋଣ ଛାଡ଼, ଅତ୍ୟାବଶ୍ୟକ ସାମଗ୍ରୀର ଦର କମାଇବା, ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, ଚାଷୀ ହତ୍ୟା ଓ ଆତ୍ମହତ୍ୟା ରୋକିବା ଆଦି ଦାବି ରହିଛି। ବରିଷ୍ଠ ନେତା କମ୍ରେଡ୍ ନିରଞ୍ଜନ ପାଣି ସଙ୍ଗଠନର ପତାକା ଉତ୍ତୋଳନ କରିଥିଲେ।

କୃଷକ ସଭାର ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ ସମ୍ମିଳନୀକୁ ଉଦ୍‌ଘାଟନ କରି ଚାଷୀମାନଙ୍କ ଅଧିକାର, ଦେଶ ପ୍ରତି ଚାଷୀମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ସେ କହିଥିଲେ। ଅନ୍ୟତମ ବକ୍ତା ଭାବେ ବରିଷ୍ଠ କୃଷକ ନେତା ରବି ପଟ୍ଟନାୟକ, କୃଷକ ସଭାର ଜିଲା ସଭାପତି ଚନ୍ଦ୍ରଶେଖର ନାୟକ, କୃଷକ ସଭାର ବରିଷ୍ଠ ନେତା ନିରଞ୍ଜନ ପାଣି, ଶ୍ରମିକ ନେତା ମଳୟ ଭୋଇ, ବିଷ୍ଣୁ ଦାଶ, ଓଡ଼ିଶା କ୍ଷେତ ମଜଦୁର ୟୁନିୟନର ଜିଲା ସମ୍ପାଦକ ଗିରିଧାରୀ ନାଥ, କୃଷକ ନେତା କୀର୍ତ୍ତନ ବିଶ୍ୱାଳ, ଚାଷୀ ନେତା କାହ୍ନୁକିଶୋର ସାହୁ, ଅର୍ଜ୍ଜୁନ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଶେଷରେ ଏକ ୧୫ ଜଣିଆ ନୂତନ ବ୍ଲକ କମିଟି ଗଠନ କରାଯାଇଥିଲା। ସଭାପତି ଚାଷୀ ନେତା ଗୌରାଙ୍ଗ ଯେନା ଓ ସମ୍ପାଦକ ଭାବେ ଅଶୋକ ବେହେରା ନିର୍ବାଚିତ ହୋଇଥିଲେ। ଆସନ୍ତା ଅକ୍ଟୋବର ୨୨ ଓ ୨୩ରେ ଧୁଷୁରୀଠାରେ ହେବାକୁ ଥିବା ଓଡ଼ିଶା କୃଷକ ସଭାର ଜିଲା ସମ୍ମିଳନୀ ପାଇଁ ୨୦ଜଣ କୃଷକ ନେତା ନିର୍ବାଚିତ ହୋଇଛନ୍ତି।

# 'ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପୂରଣ ନ ହେଲେ ତୀବ୍ର ହେବ ଆନ୍ଦୋଳନ'

## ଧାମରା ପୋର୍ଟ ୱାର୍କର୍ସ ୟୁନିୟନର ବାର୍ଷିକ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ଶ୍ରମିକ ନେତା।

ଭଦ୍ରକ,୧୧।୧୦(ସନାତନ ରାଉତ)

ଭଦ୍ରକ ଜିଲା ଧାମରାଠାରେ ଶୁକ୍ରବାର ଧାମରା ପୋର୍ଟ ୱାର୍କର୍ସ ୟୁନିୟନର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୀବ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀକୁ ସିଟୁ ନେତା ଦିବ୍ୟସିଂହ ନାୟକ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ୪ଟି ଶ୍ରମ କୋର୍ଡ ବାତିଲ କରିବା, ମହିଳା ଶ୍ରମଜୀବୀମାନଙ୍କୁ ରାତିରେ କାମ କରିବା ପାଇଁ ଆଣିଥିବା ଆଇନକୁ ପ୍ରତ୍ୟାହାର, ସମାନ କାମକୁ ସମାନ ବେତନ ଦେବା ଆଦି ବିଭିନ୍ନ ଦାବି ସଂଘ ପକ୍ଷରୁ ଜୋରଦାର କରାଯିବାକୁ ଦିବ୍ୟସିଂହ ଆହ୍ୱାନ ଦେଇଥିଲେ।

କାଳନ୍ଦୀ ପାତ୍ର, ମଳୟ ଭୋଇ ଓ କାର୍ତ୍ତିକ ଖିଲାର ଶ୍ରମଜୀବୀ ସଙ୍ଗଠନକୁ ସୁଦୃଢ଼ କରିବା ସହ ପୁଞ୍ଜିପତି, କର୍ପୋରେଟ କମ୍ପାନୀଗୁଡ଼ିକର ଲାଭ ପାଇଁ ଋଣ ଛାଡ଼ ନେଇ ପ୍ରତିବାଦ କରିବାକୁ କହିଥିଲେ। ଆଗାମୀ ଦିନରେ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ୟୁନିୟନର ସାଧାରଣ ସମ୍ପାଦକ ସୁବ୍ରତ ସାମଲ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଅଜୟ ଦାସ, ପ୍ରଫୁଲ୍ଲ ବାରିକ, ଦୀପକ ବେହେରା, ମୁନା ଘଡ଼େଇ, ରାଜେନ୍ଦ୍ର ପାତ୍ର, ମୁସ୍ତାକ ଅଲ୍ଲି, ଗୌରାଙ୍ଗ ଜେନା, ମନୋଜ ଜେନା, ଶୁଭ୍ରାଂଶୁ ଶେଖର ସାମଲ, ମନୋଜ ଦଳେଇ, ପ୍ରତାପ ଜେନା, ପ୍ରଦୀପ ନାୟକଙ୍କ ସମେତ ବହୁ ଶ୍ରମିକ ଓ କର୍ମଚାରୀ ସମ୍ମିଳନୀରେ ଯୋଗ ଦେଇଥିଲେ।

# 'ମହୋତ୍ସବ ଭାଇଚାରା ସୃଷ୍ଟି କରେ'

## ବୈତରଣୀ ମହୋତ୍ସବର ୪ର୍ଥ ସନ୍ଧ୍ୟା

ଭଣ୍ଡାରିପୋଖରୀ,୧୧।୧୦(ରାଜେନ୍ଦ୍ର ଶତପଥୀ)



ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ଅତିଥି।

ମହୋତ୍ସବ ଭାଇଚାରା ସୃଷ୍ଟି କରିଥାଏ ବୋଲି ଭଣ୍ଡାରିପୋଖରୀ ବ୍ଲକର ମାଳଦା ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଚାଲିଥିବା ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବର ଶୁକ୍ରବାର ୪ର୍ଥ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତଙ୍କ ଅଧକ୍ଷତାରେ ଉତ୍ସବକୁ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ଅନ୍ୟତମ ଅତିଥି ଭାବେ ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚାନ୍ଦ, ବରିଷ୍ଠ କଂଗ୍ରେସ ନେତା ସୁବୋଧ ସାମଲ, ଅଜୟ କୁମାର ସାହୁ, ପୂର୍ବତନ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ସମିତିସଭ୍ୟ ଗୁରୁପ୍ରସାଦ ଗିରି ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ଯ୍ୟୋଧନ ଲେଙ୍କା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ କମିଟି ସଦସ୍ୟ ପବିତ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଛୋଟ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗାୟକ ଶତ୍ରୁଘ୍ନ ରଣା ଓ ସାଥୀମାନେ ପାଲା ପରିବେଷଣ କରିଥିଲେ। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତି, କମଳାକାନ୍ତ ସାମଲ, ନିଶିକାନ୍ତ ସୂତାର, ନିରଞ୍ଜନ ବେହୁରିଆ, ଦେବାଶିଷ ପଣ୍ଡା, ଶ୍ୟାମସୁନ୍ଦର ଦାସ, ପରେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ବ୍ୟବସାୟୀଙ୍କଠାରୁ ସୁନା ଅଳଙ୍କାର ଲୁଟ

ବାସୁଦେବପୁର,୧୧।୧୦ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ବ୍ରାହ୍ମଣୀଗାଁ-ନରେନ୍ଦ୍ରପୁର ରାସ୍ତାରେ ଶନିବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ଜଣେ ଅଳଙ୍କାର ମରାମତି ବ୍ୟବସାୟୀ ଲୁଟର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କଠାରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ବ୍ୟବସାୟୀ ଜଣକ ହେଲେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ବେଗୁନିଆ ଗାଁର ମଣିଆ ସାହୁ। ସୂଚନା ଅନୁଯାୟୀ, ସେ ଘରକୁ ଫେରୁଥିବା ବେଳେ ଏହି ରାସ୍ତାରେ ୩ଜଣ ଲୁଟେରା ତାଙ୍କଠାରୁ ଅଳଙ୍କାର ଥିବା ବ୍ୟାଗ୍ ଝାମ୍ପି ନେଇଛନ୍ତି। ଖବରପାଇ ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

# ନୂତନ ଶିକ୍ଷୟିତ୍ରୀଙ୍କୁ ଅଭିଭାବକଙ୍କ ବିରୋଧ

ଚାନ୍ଦବାଲି,୧୧।୧୦(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକର ପଞ୍ଚାପଡ଼ା ଶିବଦୁର୍ଗା ହାଇସ୍କୁଲରେ ନୂତନ କରି କାର୍ଯ୍ୟରେ ଯୋଗ ଦେଇଥିବା ହିନ୍ଦୀ ଶିକ୍ଷୟିତ୍ରୀଙ୍କୁ ଅଭିଭାବକମାନେ ବିରୋଧ କରିଛନ୍ତି। ପୂର୍ବରୁ ଶିକ୍ଷୟିତ୍ରୀ ଜଣକ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ରାଜନୈତିକ ଦଳକୁ ଆକ୍ଷେପ କରିବା ଓ ମାତ୍ରାଧିକ କାର୍ଯ୍ୟ ପାଇଁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। କିଛିଦିନର ବିବାଦ ପରେ ସେ ପୁଣି ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସୀ କରି ସ୍ଥାନୀୟ ଶିବଦୁର୍ଗା ଉଚ୍ଚ ବିଦ୍ୟାଳୟକୁ ଆସିଥିବା ଅଭିଯୋଗ ଆଣି ଅଭିଭାବକମାନେ ଶୁକ୍ରବାର ପ୍ରଧାନଶିକ୍ଷକଙ୍କୁ ଭେଟିଛନ୍ତି। ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ସହ ପୂର୍ବରୁ ହିନ୍ଦୀ ପଢ଼ାଉଥିବା ଶିକ୍ଷକଙ୍କୁ ଫେରାଇ ଆଣିବାକୁ ସେମାନେ ଦାବି କରିଛନ୍ତି। ଉକ୍ତ ହିନ୍ଦୀ ଶିକ୍ଷୟିତ୍ରୀ ପୂର୍ବରୁ ଚାନ୍ଦବାଲି ବାଳିକା ଉଚ୍ଚ ବିଦ୍ୟାଳୟରେ ଥିବା ବେଳେ ରାଜନୈତିକ ଟିପ୍ପଣୀ ଦେଇ ବିବାଦ ଘେରକୁ ଆସିବାରୁ ତାଙ୍କୁ ଜଳେଶ୍ୱରପୁର ସ୍କୁଲକୁ ବଦଳି କରାଯାଇଥିଲା। ପୁଣି ତାଙ୍କୁ ଜଳେଶ୍ୱରପୁର ସ୍କୁଲରୁ ଶିବଦୁର୍ଗା ହାଇସ୍କୁଲକୁ ବଦଳି ହୋଇଛି।



ପଞ୍ଚାପଡ଼ା ଶିବଦୁର୍ଗା ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଅଭିଭାବକ।

ତାଙ୍କୁ ଏଠାରୁ ସ୍ଥାନାନ୍ତର ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୀଳମଣି ପଣ୍ଡାଙ୍କ ସହ ଗ୍ରାମବାସୀ ପୁଷ୍ପକ କୁମାର ସାହୁ, ଅଭୟ ସାମଲ, ଗାଲେଖ ନାଥ ସାହୁ, ଦୀପକ ସାହୁ, ରଞ୍ଜନ ସାମଲ, ତପନ ସାମଲ, ଅନୁସୟା ପଣ୍ଡା, ସତ୍ୟଭାମା ସେଠୀ, ଗୌରୀ ସାମଲ, ଅମିତ ବିଶ୍ୱାଳ, ସାଗର ରଞ୍ଜନ ସାହୁ, ମୟୂର ରଞ୍ଜନ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଜିଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାମଲଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି।

# ଗୁଳିମାଡ଼ ପଛରେ ବାବାଙ୍କ ଯୌନ ଶୋଷଣ

ଭୁବନେଶ୍ୱର,୧୧।୧୦(ସୁବ୍ରତ ରାଉତ)

ଭୁବନେଶ୍ୱର ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଦେଉଳିପାଟଣା ଗାଁ ନିକଟ ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା ପଛରେ ବଡ଼ ଗୁମର ପଦାକୁ ଆସିଛି। ଏହି ଘଟଣା ପଛରେ ବାବାଙ୍କ ଯୌନଶୋଷଣ ମୂଳ କାରଣ ବୋଲି କମିଶନରେଟ୍ ପୋଲିସ କହିଛି। ୧୩ବର୍ଷ ତଳେ ମା'ଙ୍କ ସହ ମଠକୁ ଆସିଥିବା ଜଣେ ନାବାଳିକାକୁ ବାବା ଓ ତାଙ୍କ ସହଯୋଗୀ ବାରମ୍ବାର ବଳାତ୍କାର କରିଥିଲେ। ଏହାର ପ୍ରତିଶୋଧ ନେବାକୁ ତାଙ୍କ ପୁରୁଷବନ୍ଧୁ (ବର୍ତ୍ତମାନ ସ୍ୱାମୀ) ନିଜ ସାଙ୍ଗଙ୍କ ସହ ବାବାଙ୍କୁ ହତ୍ୟା କରିବାକୁ ଏହି ଘଟଣା ଘଟାଇଥିଲେ। ବନ୍ଧୁକର ଟାର୍ଗେଟରେ ବାବା ଥିବାବେଳେ ଭୁଲବଶତଃ ମଠରେ ରହୁଥିବା ଅନ୍ୟ ଦୁଇ ଜଣ ଗୁଳିମାଡ଼ର ଶିକାର ହୋଇଥିଲେ। ଗୁଳିମାଡ଼ ଘଟଣାରେ ପୋଲିସ ପଡ଼ିତାଙ୍କ ସ୍ୱାମୀ ଓ ସହଯୋଗୀଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର ସୁରଜ ରାଉତ ଓରଫ ଟିଙ୍କୁନ୍(୨୩) ଓ ତାଙ୍କ ସାଙ୍ଗ ମୁକ୍ତିକାନ୍ତ ଦାଶ ଓରଫ ଶ୍ରୀରାମ (୨୮)। ଉଭୟଙ୍କ ପାଖରୁ ଗୁଳିମାଡ଼ରେ ବ୍ୟବହୃତ ୭.୬୫ ଏମ୍‌ଏମ୍ ଦେଶୀ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ୩ଟି ମୋବାଇଲ, ବାଇକ ଆଦି ଜବତ ହୋଇଛି। ଅପରପକ୍ଷରେ ୧୩ବର୍ଷ ତଳେ ବାବାଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଥିବା ପଡ଼ିତା (ଏବେ ୨୦ବର୍ଷ) ପୋଲିସ ଠାରୁ ସାହସ ପାଇ ବାବାଙ୍କ ବିରୋଧରେ ଏତଲା ଦେଇଛନ୍ତି। ଇନ୍‌ଫୋଭ୍ୟାଲି ଥାନା ତାଙ୍କ ଏତଲାକୁ ଭିତ୍ତି କରି ଶୁକ୍ରବାର ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୨୬୮/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି। ପୋଲିସ ବାବା ତଥା ଅବସରପ୍ରାପ୍ତ ସିପାହି ଅଜୟ ସାମନ୍ତରାୟ(୭୮) ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି। ସହଯୋଗୀ ଜଣକ ହେଲେ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନୂଆପୋଖରୀ ଗାଁର ସୁକାନ୍ତ କୁମାର ବିଶ୍ୱାଳ(୫୨)। ସେ ଭରତପୁର ଅଞ୍ଚଳରେ ଥିବା ଓାର୍କୋ ପମ୍ପ ହାଉସରେ କାମ କରନ୍ତି। ପୃଥକ ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହେପାଜତକୁ ପଠାଇ ଦିଆଯାଇଛି। ସେପଟେ ଉକ୍ତ ମଠକୁ ସିଲ୍ କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି। ତେବେ ସୁରଜ ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିବାବେଳେ ଏହି ଲିଙ୍କ୍‌ରେ ମଧ୍ୟ ତଦନ୍ତ କରାଯାଉଥିବା କମିଶନର କହିଛନ୍ତି।




ଗିରଫ ବାବା ଅଜୟ ସାମନ୍ତରାୟ ଏବଂ ସୁକାନ୍ତ।

ଜବତ ବନ୍ଧୁକ,ଗୁଳି ଓ ମୋବାଇଲ।




ଗୁଳିକାଣ୍ଡ ଘଟଣାରେ ଗିରଫ ସୁରଜ ରାଉତ ଓ ମୁକ୍ତିକାନ୍ତ ଦାଶ।

### ୧୩ବର୍ଷ ତଳେ ନାବାଳିକାଙ୍କୁ ମଠକୁ ଡାକି ବଳାତ୍କାର କରିଥିଲେ

ଧାମନଗର ଅଞ୍ଚଳର ପଡ଼ିତା ଜଣକ ୨୦୧୨ରେ ମଠକୁ ପାଠ ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଆସିଥିବାବେଳେ ତାଙ୍କୁ ବାରମ୍ବାର ବଳାତ୍କାର କରାଯାଇଥିଲା। ପଡ଼ିତାଙ୍କ ସମ୍ପର୍କୀୟ ହେଉଥିବା ସୁକାନ୍ତ। ସୁକାନ୍ତଙ୍କ ପ୍ରରୋଚନାରେ ପଡ଼ିତା ତାଙ୍କ ମା'ଙ୍କ ସହ ମଠକୁ ଆସିଥିଲେ। ସେଠାରେ ବାବା ଅଜୟ ଓ ସୁକାନ୍ତ ତାଙ୍କୁ ଲଗାତର ଯୌନଶୋଷଣ କରିଥିଲେ। ଏହି ଘଟଣା ପଡ଼ିତାଙ୍କ ମା' ଜାଣିଥିଲେ ମଧ୍ୟ ଭୟ ଓ ଲୋକ ଲଜ୍ଜାରେ ଚୁପ ରହିଥିଲେ। ପଡ଼ିତା ଜଣକ ଏହି ଘଟଣା ବିଷୟରେ ସେତେବେଳେ ପୁରୁଷବନ୍ଧୁ ସୁରଜଙ୍କୁ କହିଥିଲେ। ତେବେ ସୁରଜ ସେହିଦିନଠାରୁ ବାବାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଇତିମଧ୍ୟରେ ୨୦୨୪ରେ ସୁରଜ ତାଙ୍କ ପ୍ରେମିକା (ପଡ଼ିତା)ଙ୍କୁ ବିବାହ ମଧ୍ୟ କରିଥିଲେ। କିଛିମାସ ତଳେ ସୁରଜ ଉତ୍ତରପ୍ରଦେଶରୁ ୨ଟି ବନ୍ଧୁକ କିଣି ଆଣିଥିଲେ। ଏପରିକି ବାବାଙ୍କୁ ହତ୍ୟା କରିବା ଲାଗି ଗତ ଅଗଷ୍ଟ ମାସରେ ଦୁଇ ଥର ପ୍ରୟାସ କରିଥିଲେ ମଧ୍ୟ ଏଥିରେ ସେ ବିଫଳ ହୋଇଥିଲେ। ଏପରିକି ସୁକାନ୍ତଙ୍କୁ ଗତ ମେ' ମାସରେ ଭଦ୍ରକକୁ ଡାକି ସୁରଜ ମାରପିଟ୍ ମଧ୍ୟ କରିଥିଲେ। ତେବେ ଏହି ଘଟଣା ପଦାକୁ ନ ଆସିବା ପାଇଁ ସୁକାନ୍ତ ତାହା ପ୍ରକାଶ କରି ନ ଥିଲେ।

### ଅକ୍ଟୋବର ୫ ସନ୍ଧ୍ୟା, ଗୁଳିମାଡ଼ରୁ ବର୍ତ୍ତିଯାଇଥିଲେ ବାବା

୨୦୨୫ ଅକ୍ଟୋବର ୫(ଗୁଳିକାଣ୍ଡ ଦିନ)ରେ ସୁରଜ ତାଙ୍କ ସାଙ୍ଗ ଶ୍ରୀରାମଙ୍କୁ ନେଇ ବାଇକ୍‌ରେ ଭଦ୍ରକରୁ ଭୁବନେଶ୍ୱର ଆସିଥିଲେ। ସେମାନେ ବାବାଙ୍କୁ ଗୁଳିମାଡ଼ କରି ହତ୍ୟା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ୭ଟା ବେଳେ ଦେଉଳିପାଟଣାସ୍ଥିତ ଭାଇଭାଇ ମଠ ଗେଟ ପାଖରେ ପହଞ୍ଚି ୫ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଏଥିରେ ମଠରେ ରହୁଥିବା ସୁନୀଲ କୁମାର ମହାନ୍ତି ଗୁରୁତର ହୋଇଥିବାବେଳେ ୫ଦିନ ହେବ ସେଠାକୁ ଆସିଥିବା ଯାଜପୁରର ଅଶୋକ ମହାନ୍ତି ମଧ୍ୟ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ନିୟୁ ଏଜି କଲୋନୀରେ ରହୁଥିବା ବାବାଙ୍କ ଝିଅ ଜ୍ୟୋତିର୍ମୟୀ ରାୟ(୪୬)ଙ୍କ ଏତଲାକୁ ଆଧାର କରି ଇନ୍‌ଫୋଭ୍ୟାଲି ପୋଲିସ ମାମଲା (ନଂ.୨୬୩/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ଭାଇଭାଇ ମଠ ଉପରକୁ ଗୁଳିମାଡ଼ ଘଟଣା**

- ବାବା, ସହଯୋଗୀ ଗିରଫ, ମଠ ସିଲ୍
- ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତ, ସାଙ୍ଗ ଗିରଫ
- ଉତ୍ତରପ୍ରଦେଶରୁ ବନ୍ଧୁକ ଆଣିଥିଲେ ସୁରଜ

### ବାବାଙ୍କ ଯୌନ କେଳେଙ୍କାରୀରେ ଅନେକ ପୀଡ଼ିତା

ବାବା ଅଜୟଙ୍କ ଯୌନ କେଳେଙ୍କାରୀରେ ଅନେକ ପୀଡ଼ିତା ଅଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମଠ ନାଁରେ ସେ ଲୋକଙ୍କ ଭାବନାର ସହ ଖେଳ ଖେଳିବା ସହ ଅଳ୍ପ ବୟସ୍କ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ସୁକାନ୍ତ ଝିଅ ଯୋଗାଉଥିଲେ। ଏପରିକି ବହୁ ମହିଳା ଓ ଯୁବତୀ ମଠକୁ ଆସି ରହୁଥିବାବେଳେ ନିଶା ଦେଇ ସେମାନଙ୍କୁ ଯୌନ ଶୋଷଣ କରାଯାଉଥିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବାବାଙ୍କ ଦ୍ୱାରା ଅପରାଧର ଶିକାର ହୋଇ ଏଭଳି ବହୁ ପୀଡ଼ିତା ମୁହଁ ଖୋଲି ନ ଥିଲେ।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଠାକୁରମୁଣ୍ଡା,୧୧।୧୦(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ହାତୀଗୋଡ଼ା ପଞ୍ଚାୟତ ଆସନକୁଦର ଗ୍ରାମ ପୁରୁଣା ଖଡ଼ିଆସାହିରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହକୁ ନେଇ ସ୍ୱାମୀ ଟାଙ୍ଗିଆରେ ହାଣି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ହେଲେ ସାହିର ସୁବୁଦ୍ଧି ଦେହୁରୀ(୫୫)ଙ୍କ ସ୍ତ୍ରୀ ଚୁନି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସୁବୁଦ୍ଧି ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ସୁବୁଦ୍ଧି ଉତ୍କ୍ଷିପ୍ତ ହୋଇ ଘର ଭିତରେ ଥିବା ଟାଙ୍ଗିଆରେ ଚୁନିଙ୍କ ବେକକୁ ଆକ୍ରମଣ କରିଥିଲେ। ସୁବୁଦ୍ଧିଙ୍କ ପୁଅ ପବିତ୍ର ସାପ୍ତାହିକ ହାଟରୁ ଫେରିବା ପରେ ଘର ଭିତରେ ରକ୍ତାକ୍ତ ଅବସ୍ଥାରେ ମା'ଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ଜରିଆରେ ଠାକୁରମୁଣ୍ଡା ଥାନାକୁ ସୂଚନା ଦେଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଅ ପବିତ୍ରଙ୍କ ଅଭିଯୋଗ ଆଧାରରେ ଠାକୁରମୁଣ୍ଡା ଥାନାରେ ଏକ ମାମଲା (ନଂ. ୧୧୮/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ୟବହୃତ ଟାଙ୍ଗିଆ ଜବତକରି ପୋଲିସ ତଦନ୍ତ କରୁଛି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୧୧।୧୦(କାଳିଚରଣ ଦାଶ)

ବୁଗୁଡ଼ା ଅଞ୍ଚଳର ଜଣୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ବାଲୁଗାଁ ଅଞ୍ଚଳର ଜଣୈକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ରଞ୍ଜନ କୁମାର ସ୍ୱାଇଁ (୨୦)। ଏନେଇ କେସ୍ ନଂ ୬୩୭/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, ରଞ୍ଜନ ଓ ଅଭିଯୋଗକାରିଣୀ ଯୁବତୀ ଉଭୟେ ଏକ ଘରୋଇ ଫାଇନାନ୍ସରେ କାମ କରୁଥିଲେ। ତେବେ ବଳାତ୍କାର ପରେ ରଞ୍ଜନ ସେହି ଫାଇନାନ୍ସ ସଂସ୍ଥା ଛାଡ଼ି ଦେଇଥିବା ବେଳେ ପୀଡ଼ିତା ଯୁବତୀ ଜଣକ ବୁଗୁଡା ଥାନାର ଦ୍ୱାରସ୍ଥ ହୋଇଥିଲେ।

# କକାଙ୍କୁ ପିଟି ହତ୍ୟାକଲେ ପୁତୁରା

ସୁନ୍ଦରଗଡ଼,୧୧।୧୦
(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କିରେଇ ଗ୍ରାମରେ ଘରୋଇ କଳିକୁ କେନ୍ଦ୍ର କରି ଶୁକ୍ରବାର ରାତିରେ କକାଙ୍କୁ ପିଟି ପୁତୁରା ହତ୍ୟା କରିଛନ୍ତି। ଶନିବାର ସକାଳେ ପୋଲିସ ଅଭିଯୁକ୍ତ ପୁତୁରା ବିଶାଲ ନାଏକ(୧୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସଦର ଥାନାରେ ଏକ ହତ୍ୟା ମାମଲା(ନଂ. ୨୫୯/୨୫) ରୁଜୁ ହୋଇଛି। କକା ସଚ୍ଚିନ୍ଦ୍ର ନାଏକ(୪୭)ଙ୍କୁ ପିଟି ହତ୍ୟା କରିଥିବା ନେଇ ବିଶାଲ ପୋଲିସ ଆଗରେ ସ୍ୱୀକାର କରିଥିବା ସଦର ଥାନା ଆଇଆଇସି ସସ୍ମିତା ଦେବତା ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ମୁତାବକ, ଶୁକ୍ରବାର ରାତିରେ କକା ସଚ୍ଚିନ୍ଦ୍ର ଓ ପୁତୁରା ବିଶାଲ ଘରଠାରୁ ପ୍ରାୟ ୨୦୦ ମିଟର ଦୂରରେ ଏକାଠି ମଦ୍ୟପାନ କରୁଥିଲେ। ପରେ ଘରୋଇ କଳିକୁ ନେଇ ଉଭୟ କକା ପୁତୁରାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପୁତୁରା ବିଶାଲ ସଚ୍ଚିନ୍ଦ୍ରଙ୍କ ମୁହଁକୁ ହାତରେ ପିନ୍ଧିଥିବା ବଳାରେ ମୁଥମାରିବା ସହ ଏକ ଠେଙ୍ଗାରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ଘଟଣାସ୍ଥଳରେ ସଚ୍ଚିନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ବିଶାଲ ସେଠାରୁ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ସାଢେ ୧୦ଟା ବେଳେ କେତେଜଣ ଲୋକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ସଚ୍ଚିନ୍ଦ୍ରଙ୍କ ମୁହଁରେ ମାଡ଼ ହୋଇଥିବାରୁ ଚିହ୍ନଟ ହେବାରେ ବିଳମ୍ବ ହୋଇଥିଲା। ପରେ ତାଙ୍କର ପରିଚୟ ମିଳିବାପରେ ପୋଲିସ ବିଳମ୍ବିତ ରାତିରେ ଅଭିଯୁକ୍ତ ବିଶାଲଙ୍କୁ ଭେଡ଼ାବାହାଲ ନିକଟରୁ ଧରିଥିଲା। ଶନିବାର ସକାଳେ ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ବିଶାଲ କିଛିଦିନ ହେବ ଘରକୁ ଜଣେ ଝିଅ ଆଣିଛନ୍ତି। ଏହାକୁ ତାଙ୍କ ମା' ଓ କକା ବିରୋଧ କରିଆସୁଥିଲେ। ଘଟଣା ରାତିରେ କକା ପୁତୁରାଙ୍କ ମଧ୍ୟରେ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା ଓ ପୁତୁରା କକାଙ୍କୁ ପିଟି ପିଟି ହତ୍ୟା କରିଥିବା ବିଶାଲ ସ୍ୱୀକାର କରିଥିବା ପୋଲିସ କହିଛି।


## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## PHULBANI (R&B) CIRCLE, PHULBANI

Phone : 06842 254004 Email : sernbphulbani@gmail.com

**INVITATION FOR BIDS (IFB)**

Bid Identification No. CCE_R and B_PLB_12 of 2025-26

No.B-590 **No.1660 Dated 08.10.2025**

| | | | |
|---|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Road works as detailed in the table below from eligible contractors | | |
| 2 | Nature of work | : | Road Work |
| 3 | No. of tenders | : | One No. |
| 4 | Tender cost | : | Rs. 10,000/- (through online) only |
| 5 | Class of Contractor | : | A class |
| 6 | Date & Time of sale & receipt of bids | : | 10.00 A.M. of 16.10.2025 to 5.00 P.M. of 30.10.2025 |
| 7 | Date of Opening of bid | : | 11.00 A.M. of 31.10.2025 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd./- Chief Construction Engineer,
Phulbani (R&B) Circle, Phulbani

OIPR-34129/11/0029/2526

## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
### OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CAD-1973

No.-CHEP/TW-202 (Vol.-V)/3824 Date: 08.10.2025

**TENDER CALL NOTICE NO.-CHEP-32/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD (Refundable) |
|---|---|---|
| Supply of Earth Resistance Measurement Tester, DC Milli Ampere Digital Clamp Meter and AC / DC Digital Clamp Meter for CHEP, Chiplima | Rs.2,360/- (Rs.2,000/- + GST @18%) | Rs.4,970/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.14.10.2025 up to 12:30 PM of dtd.28.10.2025.**

OIPR-04006/11/0103/2526 Sd/- C & P Head, CHEP, Chiplima

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION-II, KENDRAPARA

No.O-965

eerw_kendraparat@yahoo.co.in

**'E' PROCUREMENT NOTICE NO. RWD-II/KPD-7/25-26**
**DTD 08.10.2025**

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2025-26 |
| 2 | Total No. of Work | : | 43 Nos. Roads |
| 3 | Estimated Cost | : | Rs.5.04 Lakhs to 33.61 lakhs (Approx) |
| 4 | Period of Completion | : | As specified in the Annexure |
| 5 | Class of contractors | : | B, C & D Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | : | As specified in the Annexure |

**Other details as follows :**

| | | | |
|---|---|---|---|
| a) | Procurement Officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 15.10.2025 at 11:00 A.M. to 23.10.2025 up to 5:00 P.M. |
| c) | Last date & time of seeking of tender clarification | : | 22.10.2025 up to 5:00 P.M. |
| d) | Opening of Tender | : | 23.10.2025 at 5:30 P.M. |
| e) | Date of lottery | : | 07.11.2025 at 11:30 A.M. |

**Further details can be seen from the Govt. website www.tendersorissa.gov.in**

Sd./- Superintending Engineer
Rural Works Division-II
Kendrapara

OIPR-25098/11/0023/2526

## OFFICE OF THE SORO MUNICIPALITY, SORO, BALASORE

No.4477 Date : 10.10.2025

**'e' Procurement Notice**

Bid Identification No. **SOROM_04_2025-26**

**No.C-1250** : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | |
|---|---|---|
| 1. | Name of the Work | : Construction of Civil work as mentioned in DTCN |
| 2. | No. of works | : 01 no. |
| 3. | Estimated Cost | : As per Work List |
| 4. | Period of Completion | : 90 days |
| 5. | Date & Time of availability of Bid documents in the Portal | : 13.10.25 at 10.00 A.M. to 22.10.25 up to 5.00 P.M. |
| 6. | Last date & time for receipt of bids in the portal | : 22.10.25 up to 05.00 P.M. |
| 7. | Bid received online shall be opened on | : 23.10.25 at 10.00 A.M. |
| 8. | Name and address of the officer inviting Bid | : Executive Officer, Soro Municipality |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer
Soro Municipality

OIPR-13166/11/0017/2526

## OFFICE OF SUPERINTENDING ENGINEER
## MINOR IRRIGATION DIVISION, CUTTACK

No.A-708

Letter No. 4433/Dt. 08.10.2025

**GOVERNMENT OF ODISHA e-Procurement Notice**
**Bid Identification No. online SECMID - 18/2025-26**
eemidcuttack@yahoo.co.in

| | | |
|---|---|---|
| 1 | Name of work | : **Improvement of MIPs under Improvement to CAPEX ROAD and MIPSP scheme in MI Sub-Division Athagarh, Banki and Narasinghpur.** |
| 2 | Total Number of work | : **05 (Five) nos.** |
| 3 | Estimated cost | : **Various from 57.79 to 82.65 lakhs** |
| 4 | Tender paper cost (Online) | : **Rs.10,000/-** |
| 5 | Bid Security (Online) | : As per DTCN |
| 6 | Period of Completion | : As per DTCN |
| 7 | Availability of Bid Document | : From **15.10.2025, 10.00 A.M. to 28.10.2025, 5.00 P.M.** in website (www.tendersorissa.gov.in) |
| 8 | Last date & Time of receipt | : **28.10.2025 at 5.00 P.M.** through online Bid |
| 9 | Date of opening of Technical Bid documents | : **29.10.2025 - at 11.00 A.M.** in the office of the SE, M.I. Division, Cuttack |
| 10 | Date of opening of Financial Bid Documents | : **04.11.2025 at 11.00 A.M.** in the office of the SE, M.I. Division, Cuttack |
| 11 | Date of Lottery, if required | : **15.11.2025 at 12.00 Noon** in the office of the SE, M.I. Division, Cuttack |
| 12 | Name and address of the OIT | : Superintending Engineer, M.I. Division, Cuttack. P.O. : Nayabazar, Cuttack, Phone : 0671-2443622, PIN CODE : 753004 |

Further details can be seen from the Government of Odisha Web - Site www.tendersorissa.gov.in

Sd./- Superintending Engineer
M.I. Division, Cuttack

OIPR-32121/11/0046/2526

## Directorate of Higher Secondary Education Odisha, Bhubaneswar

**Notice**

**No.N-175** : It is informed to all concerned that the online applications are invited on SAMS portal for opening of new Higher Secondary School, new stream, new subject, increase of seats, Permanent Recognition, Temporary Recognition etc. for the Academic Session 2025-26 (Admission Session 2026-27). The online application link (www.samsodisha.gov.in/juniorweb.aspx) is active and last date for applying is up to **30th November, 2025 (11.55 P.M.). For Guidelines /User Manual and other details, please log in on** www.samsodisha.gov.in/juniorweb.aspx

OIPR-11033/11/0024/2526 Sd./- Director

## ଭାରତ ସରକାର
## ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ
(ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବ୍ୟାପାର ପ୍ରସାର ବିଭାଗ)
ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ (ପିଇଏସ୍‌ଓ)

**ସର୍ବସାଧାରଣ ବିଜ୍ଞପ୍ତି**

ସରକାରଙ୍କ ଦୃଷ୍ଟିକୁ ଏହା ଅଣାଯାଇଛି ଯେ, ଅତୀତରେ ମିଥ୍ୟା ଘୋଷଣାନାମା ଅଧୀନରେ ଭାରତକୁ ବେଆଇନ ଭାବେ ବିଦେଶ ନିର୍ମିତ ଆତସବାଜି ସାମଗ୍ରୀ ଆମଦାନୀ କରାଯାଇଛି । ଏତଦ୍ୱାରା ସୂଚିତ କରିଦିଆଯାଉଅଛି କି, ଆମଦାନୀ ସଂକ୍ରାନ୍ତରେ ଆଇଟିସି (ଏଚ୍‌ଏସ୍) ଅଧୀନରେ ଆତସବାଜି ସାମଗ୍ରୀଗୁଡ଼ିକୁ ପ୍ରତିବନ୍ଧିତ ସାମଗ୍ରୀ ରୂପେ ଘୋଷଣା କରାଯାଇଛି । ଆଜି ତାରିଖ ସୁଦ୍ଧା, ପେଟ୍ରୋଲିୟମ୍ ଏବଂ ବିସ୍ଫୋରକ ସାମଗ୍ରୀ ନିରାପତ୍ତା ସଂଗଠନ ଦ୍ୱାରା ବିସ୍ଫୋରକ ସାମଗ୍ରୀ ନିୟମାବଳୀ, ୨୦୦୮ ଅଧୀନରେ ଆତସବାଜି ସାମଗ୍ରୀ ପାଖରେ ରଖିବା ଏବଂ/କିମ୍ବା ବିକ୍ରି କରିବା ଉଦ୍ଦେଶ୍ୟରେ ଆମଦାନୀ କରିବା ପାଇଁ କୌଣସି ଲାଇସେନ୍ସ ମଞ୍ଜୁର କରାଯାଇନାହିଁ ।

ଚୋରାରେ ଚାଲାଣ ହେଉଥିବା ବିଦେଶ ନିର୍ମିତ ଆତସବାଜି ସାମଗ୍ରୀରେ 'ପୋଟାସିୟମ୍ କ୍ଲୋରେଟ୍' ରହିଥାଏ, ଯାହା ଏକ ବିପଜ୍ଜନକ ଓ ଘାତକ ରାସାୟନିକ ଅଟେ ଏବଂ ସେଥିରେ ସ୍ୱତଃପ୍ରବୃତ୍ତ ଭାବେ ନିଆଁ ଲାଗିବାର ଆଶଙ୍କା ରହିଥାଏ । ଏପରି ଆତସବାଜି ସାମଗ୍ରୀ ଗୁରୁତର ଅଘଟଣର କାରଣ ସାଜିବା ସହିତ ଧନଜୀବନ ଏବଂ ଦେଶ ପାଇଁ ବିବିଧ ପରିବେଶୀୟ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ।

ଧନଜୀବନର ସୁରକ୍ଷା ଓ ନିରାପତ୍ତା ପାଇଁ ଏପରି ଆତସବାଜି ସାମଗ୍ରୀ ରଖିବା ଏବଂ/କିମ୍ବା ବିକ୍ରି କରାଯିବା ସମ୍ବନ୍ଧୀୟ ସୂଚନାକୁ ନିକଟତମ ଥାନା କିମ୍ବା ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ରିପୋର୍ଟ କରିବା ଲାଗି ଜନସାଧାରଣ ଏବଂ ହିତଧାରକଙ୍କୁ ଅନୁରୋଧ କରାଯାଉଛି, ଯାହାଦ୍ୱାରା ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

CBC 05209/12/0003/2526 ମୁଖ୍ୟ ବିସ୍ଫୋଟକ ସାମଗ୍ରୀ ନିୟନ୍ତ୍ରକ

No.T-92

## ଓଡ଼ିଶା ସରକାର
## ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା13.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0199/2526

No.CAD-1966

## NOTICE INVITING TENDER
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**

**(UNIT-HATADIHI BLOCK,GHASIPURA BLOCK, ANANDAPUR BLOCK & ANANDAPUR MUNICIPALITY, KEONJHAR SADAR BLOCK & KEONJHAR MUNICIPALITY, BANSPAL BLOCK, TELKOI BLOCK, SAHARPADA BLOCK, PATNA BLOCK, GHATAGAON BLOCK, HARICHANDANPUR BLOCK, JHUMPURA BLOCK,CHAMPUA BLOCK & NAC)**

**TENDER No.: 3029 to 3040** **Dated: 06/10/2025**

**Cost of Tender Document is Rs.1000/- inclusive of GST for each BLOCK/ULB (through online mode).**

Online Tenders are invited from eligible bidders for selection and appointment of transport contractors for transportation of (i) Paddy from Paddy Purchase Centers (PPCs) / Mandis to Rice Mill Points (within or outside district) & (ii) Custom Milled Rice (CMR) from Rice Mill points to Rice Receiving Centres (RRCs)/Depots (within or outside district).

| | | |
|---|---|---|
| 1 | Availability of tender documents | From Date 14/10/2025 Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for online submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Validity Period | Tenders are to remain open for acceptance for 45 days inclusive of date of opening of tender |
| 8 | Language of the Tender | The tender should be prepared by the bidder in English language only |
| 9 | Help Desk telephone no. | CCSO-cum-DM, OSCSC Ltd., Keonjhar Contact No : 9438200048 |

Sd./- Chief CSO-cum-District Manager
OSCSC Ltd., Keonjhar

## NOTICE INVITING TENDER
**Office of Chief CSO / CSO-cum-District Manager**
**Odisha State Civil Supplies Corporation Ltd.**
**DISTRICT - KEONJHAR**
**(LEVEL-I)**

**TENDER No.: 3041** **Dated: 06/10/2025**

**Cost of Tender Document :- Rs.11800/- Inclusive of GST**

**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date **14/10/2025** Downloadable from website : www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt 15/10/2025 At - 4.00 P.M. Place - O/o the Chief CSO-cum-District Manager, OSCSC Ltd., Keonjhar |
| 3 | Last date and time for **online** submission of completed Tender Documents with enclosures | Through e-Procurement Portal : www.tendersodisha.gov.in Up to 5.00 P.M. dt.28/10/2025 |
| 4 | Date, time and venue for opening of Technical Bid by the Tender Committee | On dt 29/10/2025 at 11.00 A.M., Place : Mini Conference Hall, Collectorate, Keonjhar |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt.30/10/2025 at 11.00 A.M. Place O/o Chief CSO-cum-District Manager, OSCSC Ltd., Keonjhar |
| 6 | Date & Time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Venue of the opening of Technical & Financial Bids | At-O/o the Mini Conference Hall, Collectorate, Keonjhar |
| 8 | Validity Period | Tenders are to remain open for acceptance for 180 days inclusive of date of opening of tender |
| 9 | Language of the Tender | The tender should be prepared by the bidder in English language only |
| 10 | Help Desk telephone no | (i) OSCSC Ltd. :- District Manager :- No. 9438200048 Account Head No. 9437201773 (ii) State Procurement Cell :- 0674-2530998 / 18003456765 |

Sd./- Chief CSO-cum-District Manager
OSCSC Ltd., Keonjhar

OIPR-07048/11/0010/2526

## ସଂକ୍ଷେପରେ

### ମାଲବାହୀ ଟ୍ରେନ୍‌ରେ କଟି ଶ୍ରମିକଙ୍କ ମୃତ୍ୟୁ

ଯୋଡ଼ା,୧୧।୧୦(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବାଂଶପାଣି ରେଳ ସାଇଡିଂରେ ଶନିବାର ମାଲବାହୀ ଟ୍ରେନ୍‌ରେ କଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଯୋଡ଼ା ପୌରାଞ୍ଚଳ ବାଂଶପାଣି ରାଧାହଟିଂର ସୁକୁଟୁ ନାଏକ(୪୦)। ସେ ରେଳ ସାଇଡିଂରେ ଠିକା ଶ୍ରମିକ ଭାବରେ ଲେବଲିଂ କାର୍ଯ୍ୟ କରୁଥିଲେ। ଭୋର୍ ସମୟରେ ରେଳ ଷ୍ଟେଶନର ୬ ନମ୍ବର ଲାଇନ୍‌ରେ ସୁକୁଟୁ ପାରିହେଉଥିବା ସମୟରେ ଟ୍ରେନ୍‌ରେ କଟି ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ରେଳବାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ସାମାଜିକକର୍ମୀଙ୍କ ପରଲୋକ

କେନ୍ଦୁଝର,୧୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ବ୍ଲକ୍ ରଘୁନାଥପୁର ପଞ୍ଚାୟତ ଜଜପଶି ଗ୍ରାମର ସାମାଜିକ କର୍ମୀ ନାରାୟଣ ସାହୁ (୮୬)ଙ୍କ ପରଲୋକ ଘଟିଛି। ସେ ରଘୁନାଥପୁର ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ପୁତ୍ର ପୂର୍ଣ୍ଣଚନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ।

### ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ

ବଉଳା,୧୧।୧୦(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ନାଗରିକ ପରିଷଦ ହାଟଡ଼ିହୀ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ପ୍ରାକ୍ତନ ଡା. ଗୋଲକ ବିହାରୀଙ୍କ ସଭାପତିତ୍ୱରେ ପରିଷଦର ସଭାପତି ସାରଙ୍ଗ ଧର ଜେନା, ସଭ୍ୟ ନିରାକର ପାତ୍ର, କାମପାଳ ନାୟକ, ମଧୁସୁଧନ ଜେନା, ମିହିରି କୁମାର ଜେନା, ଅନାଦୀ ଚରଣ ପହି ପ୍ରମୁଖ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କେନ୍ଦୁଝର,୧୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ପୌରପାଳିକା କଲ୍ୟାଣ ମଣ୍ଡପରେ ଶୁକ୍ରବାର ଜିଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ ପାଳିତ ହୋଇଯାଇଛି। ଉପ-ଜିଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବସନ୍ତ ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତଙ୍କ ସହିତ ୧୨ ବରିଷ୍ଠ ନାଗରିକ ସଂଗଠନର ପ୍ରତିନିଧି, ସମଗ୍ର ଜିଲାର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ବୟସ୍କ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବୃଦ୍ଧି ପାଇଁ ଏକ ଯୋଗ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୯୯ ବର୍ଷୀୟ ରାଜ କିଶୋର ମହାନ୍ତି, ହାଟଡ଼ିହୀ ବ୍ଲକ୍ ଅନ୍ତର୍ଗତ ଓରାଳିର ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଧର ଓଝାଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱାଗତ ଗୀତ ଏବଂ ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରିବା ସହ ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ।

# ଚାଷୀଙ୍କୁ ଚକଡ଼ା ରୋଗପୋକ ଚିନ୍ତା

## ପ୍ରଭାବିତ ହେଲାଣି ୨୭ ହେକ୍ଟର ଜମି

ଚମ୍ପୁଆ,୧୧।୧୦(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ କୃଷି ବିଭାଗ ଅଧୀନରେ ଧାନଚାଷରେ ଚକଡ଼ା ରୋଗପୋକର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ଅଳ୍ପ କିଛି ଦିନପରେ ଅମଳ ହେବାକୁ ଥିବା ଧାନ ଫସଲରେ କ୍ଷତିହେବା ସମ୍ଭାବନା ବୃଦ୍ଧିପାଇଛି। ବହୁ ଟଙ୍କା ଖର୍ଚ୍ଚକରି ଚାଷୀ ଅଧିକ ଅମଳ ଆଶାରେ ଥିଲେ। ଏହାସହ ଚଳିତ ବର୍ଷ ଆବଶ୍ୟକ ବର୍ଷା ହୋଇଥିବାରୁ ଭଲ ଫସଲ ବି ହୋଇଥିଲା। ମାତ୍ର ଚକଡ଼ା ପୋକ ଚାଷୀଙ୍କ ଆଶା ମଉଳାଇଦେଇଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍‌ର କାଟୁଲିକନା, ସରେଇ, ବ୍ରହ୍ମପୁର, ରାଇଗୁଡ଼ି, ବଡ଼ନଇ, ଜଡ଼ିପଦା, ଗୁଲୁଦିପୋଶି, ଟାଙ୍ଗରପଦା, ସଡ଼ଙ୍ଗି, ମଙ୍ଗଳପୁର, ନିଶାଗଡ଼ିଆ, ପାହାଡ଼ଭଙ୍ଗା, ଜ୍ୟୋତିପୁର, ଉଚ୍ଛବାଲି, ବଡ଼ପଦା, ରିମୁଳି, ମହେଶ୍ୱରପୁର, ରଜିଆ ଓ ନୂଆଗାଁ ଅଞ୍ଚଳରେ ପ୍ରାୟ ୨୭ ହେକ୍ଟର ଜମିରେ ଏହି ଚକଡ଼ା ରୋଗପୋକ ଲାଗିଛି। ଏହି ପୋକ ଲାଗିବା ଦ୍ୱାରା ସବୁଜ ଧାନଗଛଗୁଡ଼ିକ ପ୍ରଥମେ ହଳଦିଆ ଓ ପରେ ଶୁଖିଯାଉଥିବା ଦେଖାଯାଇଛି। ଏ ନେଇ ଚମ୍ପୁଆ କୃଷି ଅଧିକାରୀ ରମାମଣୀ ସାହୁଙ୍କୁ ପଚାରିବାରୁ ଚକଡ଼ା ପୋକ ଲାଗିଥିବା ବିଷୟରେ ସେ ଅବଗତ ଅଛନ୍ତି। ଚାଷୀଙ୍କୁ ଚକଡ଼ା ପୋକ ଲାଗିଥିବା ନିକଟବର୍ତ୍ତୀ ଧାନ ଫସଲ ଉପରେ ଔଷଧ ଛିଞ୍ଚନ ପାଇଁ ପରାମର୍ଶ ଦିଆଯାଉଛି। ଚାଷୀଙ୍କୁ ଡିବିଟି ମାଧ୍ୟମରେ ୫୦ ପ୍ରତିଶତ ସବ୍‌ସିଡିରେ କୀଟନାଶକ ଯୋଗାଇ ଦିଆଯାଉଛି। ଚାଷୀ କିପରି ତାହା ଜମିରେ ଛିଞ୍ଚନ କରିବେ ଏ ନେଇ କୃଷି ଅଧିଦର୍ଶକ ଓ ଗ୍ରାମୀଣ କୃଷି କର୍ମଚାରୀଙ୍କୁ ଏହାର ତଦାରଖ କରିବା ପାଇଁ ନିୟୋଜିତ କରାଯାଇଛି। ଚକଡ଼ା ରୋଗପୋକ ଅଧିକ ନ ବଢ଼ିବ ସେଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି ବୋଲି ସୂଚନା ଦେଇଛନ୍ତି।



ଧାନକ୍ଷେତରେ ଚକଡ଼ା ପୋକ ଲାଗି ଫସଲ ନଷ୍ଟ ହୋଇଯାଇଛି।

# ୫ ଯୁବକ କୋର୍ଟଚାଲାଣ

## ସରକାରୀ ଯୋଜନାରେ ଯାଉଥିବା ଗୋରୁଗାଡ଼ି ଅଟକାଇବା ଘଟଣା

ଛେନାପଦି,୧୧।୧୦(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଛେନାପଦି ଛକରେ ସରକାରୀ ଯୋଜନାରେ ଯାଉଥିବା ୨ ଗାଇ ବୋଝେଇ ଟ୍ରକ୍‌କୁ ଅଟକାଇ ମାରଧର ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହାଟଡ଼ିହୀ ବ୍ଲକର ଆକାଶ ସା, ନନ୍ଦ ଜେନା, ଅନାଦୀ ମହାନ୍ତି, ପଙ୍କଜ ସା, ରାଜକିଶୋର ଜେନା। ଅଭିଯୁକ୍ତମାନେ ଗାଡ଼ିର କାଗଜପତ୍ର ଚିରିଦେବା ସହ ଡ୍ରାଇଭର ଓ ହେଲପରଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

ସୂଚନା ଅନୁସାରେ, ରାଷ୍ଟ୍ରପତିଙ୍କ ଗୋ ଯୋଜନାରେ ମହାରାଷ୍ଟ୍ର କାନପୁରରୁ ମୟୂରଭଞ୍ଜ ଜିଲା ବାରିପଦା ଲୁଲୁଙ୍ଗ ନିକଟ କାକରପାଣିସ୍ଥିତ ଜୟଶ୍ରୀ ଗ୍ରୀନଲ୍ୟାଣ୍ଡ ଡାଏରୀ ଫାର୍ମକୁ ଶୁକ୍ରବାର ୯ଟି ଲେଖାଏ ୮ଟି ଟ୍ରକ୍‌ରେ ସମୁଦାୟ ୭୨ଟି ଗାଇ ଯାଉଥିଲା। ଛଅଟି ଟ୍ରକ୍‌ରେ ୫୪ଟି ଗାଇ ଫାର୍ମରେ ପହଞ୍ଚି ସାରିଥିଲା। ୧୮ଟି ଗାଇ ନେଇ ଯାଉଥିବା ୨ଟି ଟ୍ରକ୍ ୫୩ ନଂ. ରାଜ୍ୟ ରାଜପଥ ଭଦ୍ରକ ରାସ୍ତା ପରିବର୍ତ୍ତେ ଭୁଲ ବଶତଃ ଆଗରପଡ଼ା ରାସ୍ତାରେ ପଶିଯାଇଥିଲେ। ତେବେ ଜରିପାଲ ଦ୍ୱାରା ଆବଦ୍ଧ ଟ୍ରକ୍‌କୁ ଦେଖି ଗୋରୁଚାଲାଣ ହେଉଥିବା ସନ୍ଦେହରେ ସ୍ଥାନୀୟ ଯୁବକ ଟ୍ରକ୍ ୨ଟିକୁ ଅଟକ ରଖିଥିଲେ। ଡ୍ରାଇଭର ଓ ହେଲପରଙ୍କୁ ମାଡ଼ ମାରିବା ସହ ଗାଡ଼ିର ପରିବହନ କାଗଜପତ୍ର ଚିରିଦେବା ଏବଂ ସେମାନଙ୍କ ନିକଟରୁ ଟଙ୍କା ଛଡ଼ାଇ ନେଇଥିବା ଡାଏରୀ ଫାର୍ମ ମାଲିକ ଜୟଶ୍ରୀ ରାଉତଙ୍କ ସ୍ୱାମୀ ହିତେଶ କୁମାର ରାଉତ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୩୦୦/୨୦୨୫) ରୁଜୁ କରିବା ୫ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଫାର୍ମ ମାଲିକଙ୍କ ସ୍ୱାମୀ ହିତେଶ ରାଉତଙ୍କ ସହ ଫାର୍ମ ସଦସ୍ୟ ସତ୍ୟବାନ ବେହେରା ନନ୍ଦିପଦା ପୋଲିସ ସହଯୋଗରେ ଉକ୍ତ ଗାଇ ବୋଝେଇ ଟ୍ରକ୍ ବାରିପଦା ନେଇଥିବା ଜଣାପଡ଼ିଛି।

# ଖଡ଼ିବିଲିରେ ବ୍ୟାପୁଛି ଜଣ୍ଡିସ୍



ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ନଳକୂପରୁ ଲୋକେ ପାଣି ବ୍ୟବହାର କରୁଛନ୍ତି।

ଆନନ୍ଦପୁର,୧୧।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ଅନ୍ତର୍ଗତ ଖଡ଼ିବିଲ ଗ୍ରାମରେ ଜଣ୍ଡିସ ରୋଗ ବ୍ୟାପୁଛି। ଗ୍ରାମର ଛୋଟ ପିଲାଙ୍କ ଠାରୁ ଆରମ୍ଭକରି ବୟସ୍କଙ୍କ ମଧ୍ୟରେ ଜଣ୍ଡିସର ଲକ୍ଷଣ ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ୧୨ ଜଣ ଚିକିତ୍ସିତ ହୋଇ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରୁ ଫେରିଥିବା ବେଳେ ୧୫ଜଣଙ୍କ ପାଖରେ ଏହି ରୋଗର ଲକ୍ଷଣ ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଚିକିତ୍ସାଳୟରୁ ୧୨ ରୁ ଉର୍ଦ୍ଧ୍ୱ ଚିକିତ୍ସିତ ହୋଇ ଫେରିଥିବା ବେଳେ ଗାଁରୁ ପ୍ରତିଦିନ ୨ରୁ ୩ ଜଣ ରୋଗରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ବର୍ଷା ଦିନରେ ଦୂଷିତ ପାଣି ଯୋଗୁ ରୋଗ ବ୍ୟାପୁଥିବାରୁ ସ୍ୱାସ୍ଥ୍ୟକର୍ମୀମାନେ କୂଅ ପାଣି ପରିବର୍ତ୍ତେ ନଳକୂପ ପାଣି ଫୁଟାଇ ପିଇବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ଗ୍ରାମରେ ଶିକ୍ଷା ଓ ସଚେତନତାର ଅଭାବ କାରଣରୁ ଲୋକେ ପୂର୍ବ ପରି କୂଅ ଓ ନଳକୂପରୁ ପାଣି ନେଇ ବ୍ୟବହାର କରୁଛି। ସ୍ୱାସ୍ଥ୍ୟ ବିଭାଗ ଅବଗତ ଥାଇ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରତିକାର ପାଇଁ ସେପରି କିଛି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଇନାହିଁ। ଏପରିକି ଗାଁରେ ଥିବା ଜଳ ଉତ୍ସଗୁଡ଼ିକୁ ବିଶୋଧନ କରାଯାଇ ନ ଥିବା ଅଭିଯୋଗ ହେଉଛି। ଖଡ଼ିବିଲ ଗାଁ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ଏଏନ୍‌ଏମ କହିଛନ୍ତି, ଆକ୍ରାନ୍ତଙ୍କ ମଧ୍ୟରୁ ଅନେକ ସୁସ୍ଥ ହେଲେଣି। ମାତ୍ର ସଚେତନ କରାଯାଇଥିଲେ ମଧ୍ୟ ନଳକୂପ ପାଣି ପରିବର୍ତ୍ତେ ଲୋକମାନେ ବର୍ତ୍ତମାନ ସୁଦ୍ଧା କୂଅପାଣି ବ୍ୟବହାର କରୁଛନ୍ତି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ କୃଷ୍ଣଚନ୍ଦ୍ର ଦାସ କହିଛନ୍ତି, ଚିକିତ୍ସାଳୟ ପରିସରରେ ଘଟଣା ସମ୍ପର୍କରେ କହିପାରିବେ। ବାହାର ଘଟଣା ବ୍ଲକ୍‌ଅଧିକାରୀ କହିପାରିବେ ବୋଲି ସେ କହିଥିଲେ।

### ପାଟଣା ମୁଖ୍ୟାଳୟରେ ହେବ ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ଅଦାଲତ

ପାଟଣା,୧୧।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟରେ ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ କୋର୍ଟ ସ୍ଥାପନ ପାଇଁ ଗୁରୁବାର ଓଡ଼ିଶା ସରକାରଙ୍କ ଗୃହ ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି। ଏ ନେଇ ଆଡିସ୍‌ନାଲ ସେକ୍ରେଟାରୀ ଭବେଶ କୁମାର ନାୟକଙ୍କ ଦସ୍ତଖତରେ ବିଜ୍ଞପ୍ତି ସଂଖ୍ୟା ୩୭୯୬୦/ଅକ୍ଟୋବର ୯ରେ ପ୍ରକାଶ ପାଇଛି। ପାଟଣାରେ ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ କୋର୍ଟ ପ୍ରତିଷ୍ଠା ଚୂଡ଼ାନ୍ତ ହେବା ପରେ ବିଭିନ୍ନ ମହଲରେ ଖୁସିପ୍ରକାଶ ପାଇଛି। ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପାଟଣା ବ୍ଲକ୍ ଅଧକ୍ଷା ବୀଣାପାଣି ନାୟକ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମାହାନ୍ତ, କେନ୍ଦୁଝର ଏମ୍‌ପିଙ୍କ ପାଟଣା ବ୍ଲକ୍ ପ୍ରତିନିଧି ପ୍ରହ୍ଲାଦ ପଲେଇ, ବିଧାୟକଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ୍ ଅଧକ୍ଷ ବିଦ୍ୟାଧର ଦାଶ, କେନ୍ଦୁଝର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ଭାଜପା ନେତା ଦୀନବନ୍ଧୁ ମିଶ୍ର, ସାମାଜିକ କର୍ମୀ ଅଜୟ କୁମାର ଦାଶ, ଯୁବ ସାମାଜିକ କର୍ମୀ ବିଜୟ ରତ୍ନ ପତି, ଆଇନଜୀବୀ ରାହାସ ବିହାରୀ ପୃଷ୍ଟି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ସେହିଭଳି ଘଷିପୁରା, ବାଂଶପାଳ, ଝୁମ୍ପୁରାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ପ୍ରତିଷ୍ଠା ପାଇଁ ପୃଥକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୧୦ ମାସ ପରେ ଟ୍ରକ୍ ଜବତ, ଡ୍ରାଇଭର ଗିରଫ

## ଟ୍ରକ୍ ଧକ୍କାରେ ଭାଜପା ନେତାଙ୍କ ମୃତ୍ୟୁ ଘଟଣା

ଘଟଗାଁ,୧୧।୧୦(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଢେଙ୍କକୋଟ୍ ନିକଟରେ ଘଟଗାଁ ବ୍ଲକ୍ ବରିଷ୍ଠ ଭାଜପା ନେତା ଆନନ୍ଦ ଚନ୍ଦ୍ର ମହାନ୍ତ( ୪୦)ଙ୍କ ଟ୍ରକ୍ ଧକ୍କାରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର ୧୦ ମାସ ପରେ ପୋଲିସ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଡ୍ରାଇଭର ଭଦ୍ରକ ଜିଲା ନାୟକଖଣ୍ଡି ଥାନା ବୀଣାଦାଣ୍ଡ ଗ୍ରାମର ପ୍ରଭାତ କୁମାର ନାୟକ(୨୭)। ସୂଚନା ଅନୁଯାୟୀ, ୨୦୨୪ ଡିସେମ୍ବର ୨୫ ତାରିଖ ସନ୍ଧ୍ୟାରେ ଆନନ୍ଦ ଚନ୍ଦ୍ର ମହାନ୍ତ ଢେଙ୍କିକୋଟ ବଜାରରୁ ସଉଦା କରି ନିଜ ଘର ନିକଟସ୍ଥ ଶଗଡ଼ିଆ ଗ୍ରାମକୁ ଫେରୁଥିଲେ। ଢେଙ୍କିକୋଟଠାରୁ ମାତ୍ର ଏକ କିମି ଦୂରରେ ପଛପଟୁ ତାଙ୍କ ବାଇକ୍‌କୁ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଜଣେ ଅଟୋ ଚାଳକ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ନମ୍ବର ଦେଖିଥିଲେ। ଆନନ୍ଦ ମହାନ୍ତଙ୍କ ପରିବାର ଲୋକେ ଉକ୍ତ ଟ୍ରକ୍ ନମ୍ବର ଆଧାରରେ ଅଭିଯୋଗ କରିଥିଲେ। ଦୁର୍ଘଟଣା ଘଟିଥିବା ସମୟକୁ ତନଖି ପରେ ଗାଡ଼ି ମାଲିକଙ୍କୁ ପୋଲିସ ଯୋଗାଯୋଗ କରାଯାଇଥିଲା। ସେ ସହଯୋଗ ନ କରିବାରୁ ଟ୍ରକ୍‌ର ଜିପିଆରଏସ୍‌କୁ ଟ୍ରାକ୍ କରି ଗାଡ଼ିକୁ ନରଣପୁରଠାରୁ ଜବତ କରାଯାଇଥିବା ଘଟଗାଁ ଥାନାଧିକାରୀ ଶୁଭ୍ରାନ୍ତ କୁମାର ଜେନା କହିଛନ୍ତି।

# ସହର ସମସ୍ୟା ନେଇ ସିଟିଜେନ୍ ଫୋରମର ସ୍ମାରକପତ୍ର




ସିଟିଜେନ୍ ଫୋରମ ସଦସ୍ୟମାନେ ଉପ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର,୧୧।୧୦(ଦୀପକ ମିଶ୍ର)

କେନ୍ଦୁଝର ସିଟିଜେନ ଫୋରମ ତରଫରୁ ମ୍ୟୁନିସିପାଲଟି ଭିତ୍ତିଭୂମିର ବିକାଶ ପାଇଁ ଶୁକ୍ରବାର ପୌରପାଳିକା ଅଧିକାରୀଙ୍କୁ ପ୍ରସ୍ତାବ ସହ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଫୋରମର ସଭାପତି ଡା. ଅରୁଣ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ଚକ୍ରଧର ସାହୁ, ରାମ ନାରାୟଣ ଦ୍ୱିବେଦୀ, ଭରତ ଚନ୍ଦ୍ର ପାତ୍ର, କୃଷ୍ଣଚନ୍ଦ୍ର ପରିଡ଼ା, କେଶବ ଚନ୍ଦ୍ର ମହାନ୍ତି ପ୍ରମୁଖ ଗଡ଼ଜାତ ଅମଳର ପୁରାତନ ପୋଖରୀର ପୁନରୁଦ୍ଧାର, ଡ୍ରେନେଜ୍ ବ୍ୟବସ୍ଥା ପାଇଁ ମାଷ୍ଟର ପ୍ଲାନ, କ୍ରମବର୍ଦ୍ଧିଷ୍ଣୁ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଲାବଣ୍ୟ ଛକ, ସିରାଜୁଦିନ ଛକ ଓ ଧରଣୀଧର ଭୂୟାଁ ଛକର ସମ୍ପ୍ରସାରଣ, ବସ୍ତି ବାସିନ୍ଦାଙ୍କୁ ଗୃହ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ, ୯ ନମ୍ବର ୱାର୍ଡର ମଦନ କର ଗଳି ଓ ୧୩ ନମ୍ବର ୱାର୍ଡର ନିର୍ମିତ ତ୍ରୁଟିପୂର୍ଣ୍ଣ ଡ୍ରେନ୍‌ର ସଂଶୋଧନ ନେଇ ପୌରପାଳିକା ଅଧିକାରୀ ଲଳିତ ନାଏକଙ୍କ ସହ ଆଲୋଚନା କରିଥିଲେ। ପ୍ରସ୍ତାବଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମ୍ୟୁନିସିପାଲଟିକୁ ଆଧୁନିକ ସହରରେ ପରିଣତ ପାଇଁ ପୌର ଅଧକ୍ଷା, ଉପାଧକ୍ଷ ଓ କାଉନ୍‌ସିଲର ସମ୍ମିଳିତ ଉଦ୍ୟମ କରୁଥିବାରୁ ଫୋରମ ତରଫରୁ ପ୍ରଶଂସା କରାଯାଇଥିଲା।

# ଡିଏଫ୍‌ଓ ଧରିଲେ, ରେଞ୍ଜ ଅଧିକାରୀ ଛାଡ଼ିଲେ

## ୨ ଅଭିଯୁକ୍ତ ଫେରାରକୁ ନେଇ ଚର୍ଚ୍ଚା

କେନ୍ଦୁଝର,୧୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ବଳଭଦ୍ରପୁର ବିଟ୍ ଅଧୀନ ଓସ୍ତପଙ୍ଗା ଓ ମଧପୁର ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଗଛକଟା ଘଟଣାରେ ଅଟକ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଡିଏଫ୍‌ଓ ଧନରାଜ ଏଚ୍‌ଡି ଅଭିଯୁକ୍ତଙ୍କୁ ଧରି ସଦର ରେଞ୍ଜ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ରେଞ୍ଜ ଅଧିକାରୀଙ୍କ ଦାୟିତ୍ୱହୀନତାରୁ ଅଭିଯୁକ୍ତ ଖସିଯାଇଥିବା କୁହାଯାଉଛି। ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ଛାଡ଼ିଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଫେରାର ପରେ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟିହୋଇଥିବା ବେଳେ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, କେନ୍ଦୁଝର ଡିଏଫ୍‌ଓ ଶୁକ୍ରବାର ସଦର ରେଞ୍ଜର ଜଙ୍ଗିରା ସେକ୍ସନରୁ ବିଭିନ୍ନ କାର୍ଯ୍ୟ ସମୀକ୍ଷାକରି ଫେରୁଥିଲେ। ଏହି ସମୟରେ ନରଣପୁର ସେକ୍ସନ ବଳଭଦ୍ରପୁର ବିଟ୍ ଅଧୀନ ଓସ୍ତପଙ୍ଗା ଓ ମଧପୁର ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଗଛକଟା ଚାଲିଥିବା ଦେଖି ଅଟକିଥିଲେ। ତାଙ୍କୁ ଦେଖି ଚୋରାକାଠ ବ୍ୟବସାୟୀ ଦୌଡ଼ି ପଳାଇଥିବା ବେଳେ ଡିଏଫ୍‌ଓ ୨ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ବିନା ଅନୁମତିରେ ଗଛ କଟାଚାଲିଥିବା ଜଣାପଡ଼ିବା ପରେ ୨ ବାଇକ୍, କାଠଗଣ୍ଡି ଜବତ କରିଥିଲେ। ଅଭିଯୁକ୍ତଙ୍କୁ ସଦର ରେଞ୍ଜ ଅଧିକାରୀଙ୍କ ଜିମା ଦେଇଥିଲେ। ମାତ୍ର ସଦର ରେଞ୍ଜ ଅଧିକାରୀଙ୍କ ଅବହେଳା କାରଣରୁ ଅଭିଯୁକ୍ତ ଦ୍ୱୟ ଖସିପଳାଇଥିବା କୁହାଯାଉଛି। ମାତ୍ର ଚୋରାକାଠ ବ୍ୟବସାୟୀଙ୍କ ସହ ଦୁର୍ନୀତିଗ୍ରସ୍ତ ବନ କର୍ମଚାରୀଙ୍କ ସମ୍ପୃକ୍ତି ପଦାରେ ପଡ଼ିଯିବା ଭୟରେ ସେମାନଙ୍କୁ ଖସାଇ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନୁମତି ନ ଥାଇ ଗଛ କଟାଯାଉଥିଲା। ଏ ନେଇ ବନ କର୍ମଚାରୀଙ୍କୁ ସୂଚନା ଦେଇଥିଲେ ହେଁ ଧରପଗଡ଼ କରାଯାଇ ନ ଥିଲା। ତେଣୁ ସେମାନଙ୍କୁ ଗଛ କାଟିବାକୁ କିଏ ଅନୁମତି ଦେଇଥିଲା। ସଦର ରେଞ୍ଜର ବନ କର୍ମଚାରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲେ ତା'ର ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଡିଏଫ୍‌ଓ ଏଚ୍‌ଡି ଧନରାଜ କହିଛନ୍ତି, ସଦର ରେଞ୍ଜ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସେମାନଙ୍କଠାରୁ ୨ ମୋବାଇଲ, ୨ ଗାଡ଼ି, କାଠ ଜବତ କରାଯାଇଛି। ଏ ନେଇ ସଦର ରେଞ୍ଜ ଅଧିକାରୀଙ୍କ ମତାମତ ମିଳିପାରିନାହିଁ।

# ଧନଧାନ୍ୟ କୃଷି ଯୋଜନା ସମାରୋହ

କେନ୍ଦୁଝର,୧୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳରେ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ଓ ଜାତୀୟ ଡାଲି ମିଶନ ଉପଲକ୍ଷେ ଶନିବାର ଜୁଡ଼ିଆସ୍ଥିତ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟିର ଚେୟାରମ୍ୟାନ ନିକୁ ସାହୁ ଯୋଗଦେଇ କୃଷି ଜ୍ଞାନ କୌଶଳର ଉପଯୋଗ ଓ ବିଭିନ୍ନ ଯୋଜନାରେ ମିଳୁଥିବା ସୁବିଧାକୁ ଉପଯୋଗ କରି ଆତ୍ମନିର୍ଭର ଭାରତ ଗଠନରେ ସହାୟକ ହେବାକୁ ଉପସ୍ଥିତ କୃଷକ ଭଉଣୀଭାଇଙ୍କୁ ଅନୁରୋଧ କରିଥିଲେ। ଜୁଡ଼ିଆ କୃଷି ଫାର୍ମର ମୁଖ୍ୟ କିଶୋର ସାହୁ ଓ ମୁଖ୍ୟ ଜିଲା କୃଷି ଅଧିକାରୀ ସତ୍ୟବାନ ସୋରେନ ମଞ୍ଚରେ ଉପସ୍ଥିତ ଥିଲେ। ସମାରୋହରେ ବିଭିନ୍ନ ବ୍ଲକ୍‌ରୁ ଆସିଥିବା କୃଷକ, ବିଭିନ୍ନ ବିଭାଗର ଅଧିକାରୀ, କୃଷି ବୈଜ୍ଞାନିକ, କୃଷି ସମ୍ପ୍ରସାରଣକର୍ମୀ ପ୍ରମୁଖ ଆଭାସୀ ଯୋଜନା ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ଧନଧାନ୍ୟ ଯୋଜନା ଓ ଜାତୀୟ ଡାଲି ମିଶନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମୁଖ୍ୟ କୃଷି ବୈଜ୍ଞାନିକ କୃଷି ଜ୍ଞାନ କୌଶଳର ଉପଯୋଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଜିଲା କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ନିଯୁକ୍ତି ଦାବିରେ କାରଖାନା ଆଗରେ ଗଣଧାରଣା

## ଅଧିକାରୀଙ୍କୁ ଦଣ୍ଡବତ କରି ଦାବି ଜଣାଇଲେ

ଯୋଡ଼ା,୧୧।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅଧୀନ ବାମେବାରି ଥାନା ଅଞ୍ଚଳ ଦବୁନାଠାରେ ଥିବା ଏକ କାରଖାନା ସମ୍ମୁଖରେ ନିଯୁକ୍ତି ଦାବିରେ ଶୁକ୍ରବାର ସ୍ଥାନୀୟ ଜମିହରା ଓ ଖଣି କ୍ଷତିଗ୍ରସ୍ତ ଗଣଧାରଣାରେ ବସିଥିଲେ। ଦୀର୍ଘ ବର୍ଷ ଧରି ବିଭିନ୍ନ ଦାବି ନେଇ ଲୋକେ ଆନ୍ଦୋଳନ କରୁଥିଲେ ହେଁ କମ୍ପାନୀ କର୍ଣ୍ଣପାତ କରୁନାହିଁ। ତେଣୁ ନିଆରା ଢଙ୍ଗରେ କମ୍ପାନୀ ଅଧିକାରୀଙ୍କୁ ଦଣ୍ଡବତ କରି ନିଜର ଦାବି ଜଣାଇଥିଲେ।

ଅଭିଯୋଗ ଅନୁଯାୟୀ, ୨୦୦୮ରୁ ଏଠାରେ କାରଖାନା ନିର୍ମାଣ କରାଯାଇଛି। ସ୍ଥାନୀୟ ଗ୍ରାମବାସୀ ନିଯୁକ୍ତି ଆଶାରେ କାରଖାନା ପାଇଁ କମ୍ପାନୀକୁ ନିଜର ଜମି ଦେଇଥିଲେ। ସେ ସମୟରେ କାରଖାନାରେ ଜମିହରାଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବାର କମ୍ପାନୀ ଓ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ କମ୍ପାନୀ ଜମିହରାଙ୍କୁ ସ୍ଥାୟୀ ନିଯୁକ୍ତି ଦେଉନାହିଁ। କାରଖାନାର ପରିବହନ କାର୍ଯ୍ୟରେ ଗ୍ରାମ୍ୟ ରାସ୍ତାକୁ ବ୍ୟବହାର କରି ମରଣଯନ୍ତାରେ ପରିଣତ କରି ସାରିଲାଣି। ରାସ୍ତା ନିର୍ମାଣ ପାଇଁ କମ୍ପାନୀ ଆଦୌ ଦୃଷ୍ଟି ଦେଉନାହିଁ। ଯାହାଦ୍ୱାରା ବଡ଼କାଳୀ ମାଟି ପଞ୍ଚାୟତର ଜନସାଧାରଣ ପ୍ରତିଦିନ ଟ୍ରାଫିକ ସମସ୍ୟା ଓ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନରେ ରାସ୍ତାରେ ମାଟି କାଦୁଅ ଓ ଖାଲ ସୃଷ୍ଟି ହୋଇଥିବା ଯୋଗୁ ଗମନାଗମନ ଅଚଳାବସ୍ଥା ଦେଖାଦେଉଥିବା ଅଭିଯୋଗ କରିଥିଲେ। କମ୍ପାନୀ ଜମିହରାଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରି ନମ୍ରତାର ସହିତ କାରଖାନାର ମୁଖ୍ୟ ଅଧିକାରୀଙ୍କୁ ଦଣ୍ଡବତ ହୋଇ ନିଜର ଦାବି ଜଣାଇଥିଲେ। ଅଧିକାରୀ ଜଣକ ଗୁହାରି ଶୁଣିବା ପରିବର୍ତ୍ତେ ଲୋକଙ୍କୁ ନାଲି ଆଖି ଦେଖାଇ ସେଠାରୁ ଚାଲି ଯାଇଥିବା ଅଭିଯୋଗ ହୋଇଛି। ଜମିହରା ଓ ଖଣି ପ୍ରଭାବିତଙ୍କ ଦାବି ନେଇ କମ୍ପାନୀ ପକ୍ଷରୁ କୌଣସି ଆଲୋଚନା କରାଯାଇ ନ ଥିବାରୁ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ଧାରଣାକୁ ବ୍ୟାପକ କରାଯିବ ବୋଲି ସ୍ଥାନୀୟ ବଡ଼କାଳୀମାଟି ପଞ୍ଚାୟତ ସମିତି ସଭ୍ୟ ଅଷ୍ଟମୀ ମୁଣ୍ଡା, ବାସନ୍ତୀ ପାତ୍ର, ଯାଇମଣି ମୁଣ୍ଡା, ସନାତନ ବାରିକ, ବଳଭଦ୍ର ପାତ୍ର, ଦେବଦତ୍ତ ବାରିକ, ରଞ୍ଜିତ ବାରିକ, ପରମେଶ୍ୱର ନାଏକ, ନାରାୟଣ ବାରିକ, ପ୍ରମୁଖ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।



ଅଧିକାରୀଙ୍କୁ ଦଣ୍ଡବତ ହୋଇ କ୍ଷତିଗ୍ରସ୍ତ ଦାବି ଜଣାଉଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ...

ଡାକ୍ତରୀ ଶିକ୍ଷା ଅନୁଷ୍ଠାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଏହି ଘଟଣା ୨୦୨୪ ଅଗଷ୍ଟ ୯ରେ କୋଲକାତାସ୍ଥିତ ଆର୍.ଜି. କଲେଜ ମେଡିକାଲ କଲେଜରେ ଜଣେ ପୋଷ୍ଟଗ୍ରାଜୁଏଟ୍ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ସ୍ମୃତିକୁ ଉଜ୍ଜୀବିତ କରିଛି। ଆର୍.ଜି. କର ଘଟଣା ପରେ ଦେଶବ୍ୟାପୀ ଆନ୍ଦୋଳନ ମୁଣ୍ଡ ଟେକିବା ସହ କ୍ୟାମ୍ପସ୍ ସୁରକ୍ଷାରେ ସଂସ୍କାର ପାଇଁ ଦାବି ଉଠିଥିଲା। କିନ୍ତୁ ଏହାର ୧୪ ମାସ ପରେ ପୁନର୍ବାର ରାଜ୍ୟର ଏକ ଘରୋଇ ମେଡିକାଲ କଲେଜରେ ଜଣେ ଛାତ୍ରୀ ବଳାତ୍କାରର ଶିକାର ହେବା ମମତା ବାନାର୍ଜୀ ସରକାରଙ୍କ ଅପାରଗତାକୁ ପଦାରେ ପକାଇଥିବା ବିରୋଧୀ ଭାଜପା ସମାଲୋଚନା କରିଛି। ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର Xରେ କହିଛନ୍ତି, ପଶ୍ଚିମବଙ୍ଗ ବଳାତ୍କାରୀ ଓ ଅପରାଧୀଙ୍କ ପାଇଁ ଚରାଭୂଇଁ ପାଲଟିଯାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାର ଅମଳରେ ରାଜ୍ୟରେ ମହିଳାମାନେ ଆଦୌ ସୁରକ୍ଷିତ ନୁହନ୍ତି। ସେହିପରି ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ମଧ୍ୟ ମମତା ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର ମମତା ସରକାର ବିରୋଧରେ ସ୍ଲୋଗାନ ଦେଉଥିବାବେଳର ଫଟୋ ଶେୟାର କରିଛନ୍ତି। ଅନ୍ୟପକ୍ଷେ ଏହି ପ୍ରସଙ୍ଗକୁ ନେଇ ରାଜନୀତି ନ କରିବାକୁ ବିରୋଧୀ ଦଳଗୁଡ଼ିକୁ ଟିଏମ୍‌ସି ପରାମର୍ଶ ଦେଇଛି।

ସେପଟେ ପୀଡ଼ିତାଙ୍କ ବାପା ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ସ୍ଥାନୀୟ ପୋଲିସ ସେମାନଙ୍କୁ ସହଯୋଗ କରୁନାହିଁ। ଘଟଣାରୁ ଧ୍ୟାନ ହଟାଇବାକୁ ଉଦ୍ୟମ ହେଉଛି। ଏପରି କି ତାଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ଓଡ଼ିଶା ହୋଇଥିଲେ ଦୋଷୀଙ୍କ ବିରୋଧୀରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିଆଯାଇଥାନ୍ତା ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଅତ୍ୟନ୍ତ ନିନ୍ଦନୀୟ ଓ ପୀଡ଼ାଦାୟକ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ Xରେ ଏକ ପୋଷ୍ଟକରି କହିଛନ୍ତି, ଏହି ଖବର ଶୁଣି ସେ ଗଭୀର ମର୍ମାହତ। ଉକ୍ତ ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମମତାଙ୍କ ନିକଟରେ ଦୃଢ଼ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନାକରିବା ସହ ପଶ୍ଚିମବଙ୍ଗର ବରିଷ୍ଠ ଅଧିକାରୀମାନଙ୍କ ସଙ୍ଗେ ଯୋଗାଯୋଗକରି ଆବଶ୍ୟକ ପଦକ୍ଷେପ ନେବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

### ବିବାଦରେ ଆଫଗାନ...

ନୁହେଁ ବୋଲି ଶନିବାର ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଏଭଳି ଭେଦଭାବ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୁପ୍ ରହିବା ତାଙ୍କର ନାରୀ ଶକ୍ତି ସ୍ଲୋଗାନ୍‌ର ଫମ୍ପା ଆବାଜକୁ ପଦାରେ ପକାଇଥିବା ବିରୋଧୀ କହିଛନ୍ତି। ଏକ ସର୍ବସାଧାରଣ ଫୋରମ୍‌ରୁ ମହିଳା ଖବରଦାତାଙ୍କୁ ବାଦ୍‌ଦେବା ଘଟଣାରେ ପ୍ରଧାନମନ୍ତ୍ରୀଙ୍କର ଏହା ବିରୋଧରେ ଛିଡ଼ାହେବାକୁ ଦୁର୍ବଳ ବୋଲି ପ୍ରତ୍ୟେକ ଭାରତୀୟ ମହିଳାଙ୍କୁ ଜଣାଇଦେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏଥିପାଇଁ ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି। ଏଭଳି ଘଟଣା ଦେଶର ଅଧିକାଂଶ ଦକ୍ଷ ମହିଳାଙ୍କ ପ୍ରତି ଅପମାନ ବୋଲି ସେ କହିଛନ୍ତି। ଭାରତରେ ମହିଳା ସାମ୍ବାଦିକଙ୍କୁ ନିଷେଧ କରିବା ଘଟଣାକୁ ଭାରତ ସରକାର କିପରି ଗ୍ରହଣ କଲେ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କର ଏଥିରେ କୌଣସି ଭୂମିକା ନ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆଫଗାନ ମନ୍ତ୍ରୀଙ୍କ ଗସ୍ତ ପାଇଁ ଦିଲ୍ଲୀରେ ଅବସ୍ଥାପିତ ମୁମ୍ବାଇର ଆଫଗାନ କନସୁଲ୍ ଜେନେରାଲ ନିର୍ଦ୍ଦିଷ୍ଟ ଖବରଦାତାମାନଙ୍କୁ ଆମନ୍ତ୍ରଣ କରିଥିଲେ। ଆଫଗାନ ଦୂତାବାସ ଭାରତ ସରକାରଙ୍କ କ୍ଷମତା ପରିସରରେ ଆସୁ ନ ଥିବା ମନ୍ତ୍ରଣାଳୟ ସଫେଇ ଦେଇଛି।

### ତାଲିବାନ୍‌ଙ୍କ ପାଇଁ...

ମାନଙ୍କର ବିବେକ ଥିଲେ, ସେମାନେ ସେଠାରୁ ଉଠି ଚାଲିଯାଇଥାନ୍ତେ କହି ତସ୍‌ଲିମା ସେମାନଙ୍କୁ ସମାଲୋଚନା କରିଛନ୍ତି। ଆଫଗାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକିଙ୍କ ଖବରଦାତା ସମ୍ମିଳନୀରେ ମହିଳା ଖବରଦାତାଙ୍କୁ ଯୋଗଦେବା ଲାଗି ଅନୁମତି ମିଳି ନ ଥିଲା। ତାଲିବାନ୍ ଦ୍ୱାରା କାର୍ଯ୍ୟକାରୀ ଇସ୍‌ଲାମ ଅନୁଯାୟୀ, ମହିଳାମାନେ କେବଳ ଘରେ ରହି ପିଲାଙ୍କ ଯତ୍ନ ନେବା ସହ ସ୍ୱାମୀ ଓ ପିଲାମାନଙ୍କ ସେବା କରିବେ ବୋଲି ଆଶା କରାଯାଏ। ସେଠାର ସ୍ତ୍ରୀଦ୍ୱେଷୀ ପୁରୁଷମାନେ ମହିଳାଙ୍କୁ ଘର ବାହାରେ ଦେଖିବାକୁ ଚାହାନ୍ତି ନାହିଁ ବୋଲି ତସ୍‌ଲିମା କହିଛନ୍ତି।

### ବାହା ହେବା ପାଇଁ...

ଥିଲା ଏବଂ ତାଙ୍କ ଘରେ ଅନେକ ନଗଦ ଟଙ୍କା ଓ ଅଳଙ୍କାର ଥିବା ନେଇ ଶ୍ରେୟାସ ଜାଣିଥିଲେ। ଗତ ୧୫ ତାରିଖ ରାତିରେ ଶ୍ରେୟାସ କୌଶଳକ୍ରମେ ହରିଶ୍‌ଙ୍କ ବାସଭବନରେ ପଶି ସେଠାରୁ ସୁନା ଓ ନଗଦ ଟଙ୍କା ଚୋରି କରିଥିଲେ। ଘଟଣାର ପରଦିନ ହରିଶ ସ୍ଥାନୀୟ ହେଙ୍ଗାଗୋଡି ଥାନାରେ ଏତଲା ଦେଇଥିଲେ। ପୋଲିସ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍‌ଗୁଡ଼ିକୁ ଯାଞ୍ଚ୍ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଧୀରେ ଧୀରେ ପୋଲିସର ସନ୍ଦେହ ଶ୍ରେୟାସଙ୍କ ଉପରେ ବଢ଼ିବାରେ ଲାଗିଥିଲା। ଶୁକ୍ରବାର ପୋଲିସ ଶ୍ରେୟାସଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୪୧୬ ଗ୍ରାମ୍ ସୁନା ଓ ୩.୪୬ ଲକ୍ଷର ନଗଦ ଟଙ୍କା ଜବତ କରିଛି। ହରିଶ୍‌ଙ୍କ ଘରୁ ଶ୍ରେୟାସ ସମୁଦାୟ ୪୭ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ଚୋରି କରିଥିଲେ ବୋଲି ଶନିବାର ପୋଲିସ ସୂଚନା ଦେଇଛି। ନିଜ ବିବାହ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଟଙ୍କା ଯୋଗାଡ଼ କରିବା ଉଦ୍ଦେଶ୍ୟରେ ସେ ଏହି ଚୋରି କରିଥିଲେ ବୋଲି ଜେରା ସମୟରେ ଶ୍ରେୟାସ୍ କହିଛନ୍ତି। ଘଟଣାକୁ ନେଇ ହେଙ୍ଗାଗୋଡି ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି।


**ODISHA MODEL TRIBAL EDUCATION SOCIETY (OMTES)**
**ST & SC DEVELOPMENT, M & BCW DEPARTMENT,**
**GOVERNMENT OF ODISHA**

**ADDENDUM**

